ସକାଳ
THE SAKALA






## ଦକ୍ଷିଣ ଓଡ଼ିଶାକୁ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଏକ ଭେଟି

# ବିଜୁ ଏକ୍ସପ୍ରେସ୍ ୱେ ଦ୍ୱାରା ଯୋଡ଼ିହେବ ଜୟପୁର ଓ ବ୍ରହ୍ମପୁର



**ଜୟପୁର,୪।୩(ସମିସ):** ଦକ୍ଷିଣ ଓଡ଼ିଶାକୁ ଆଉ ଏକ ଅନନ୍ୟ ଭେଟି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦକ୍ଷିଣ ଓଡ଼ିଶାର ପ୍ରମୁଖ ଦୁଇ ସହରର ବ୍ରହ୍ମପୁର ଓ ଜୟପୁରକୁ ଦୂରତା ହ୍ରାସ ସହ କମ୍ ସମୟରେ ଯାତାୟାତ ସୁଗମ କରିବାକୁ ରାଜ୍ୟ ସରକାର ଏବେ ନେଇଛନ୍ତି ନୂଆ ପଦକ୍ଷେପ। ରାଜ୍ୟ ସରକାର ବ୍ରହ୍ମପୁର-ଜୟପୁରକୁ ବିଜୁ ଏକ୍ସପ୍ରେସ୍ ଦ୍ୱାରା ଯୋଡ଼ିବାକୁ ଯାଉଛନ୍ତି। ଏହି ଦୁଇ ପ୍ରମୁଖ ସହରକୁ ସୁରକ୍ଷିତ, ସୁବିଧାଜନକ ଏବଂ ସ୍ୱଳ୍ପ ସମୟରେ ଯାତାୟାତ ନିମନ୍ତେ ୭ ହଜାର କୋଟି ଟଙ୍କା ବ୍ୟୟରେ ୩୫୦ କିଲୋମିଟର ଦୀର୍ଘ ବିଜୁ ଏକ୍ସପ୍ରେସ୍ ୱେ ନିର୍ମାଣ କରିବାକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି। ରାସ୍ତା ନିର୍ମାଣ ହେଲେ ସଡ଼କପଥରେ ମାତ୍ର ୫ ଘଣ୍ଟାରେ ଦୁଇ ସହର ମଧ୍ୟରେ ଯାତାୟାତ ସହଜ ହୋଇପାରିବ। ଜୟପୁର-ବ୍ରହ୍ମପୁର ୩୦୫ କିମି ପଥରେ ୪ ଥାକିଆ ରାସ୍ତା ନିର୍ମାଣ କରାଯିବ। ଏହି ରାସ୍ତାର ଓସାରରେ ସମ୍ପ୍ରସାରଣ କରାଯିବା ସହ ଆଧୁନିକ ପଦ୍ଧତିରେ ବିକଶିତ କରାଯିବ। ଏକ୍ସପ୍ରେସ୍ ରାସ୍ତା ନିର୍ମାଣ ହେଲେ ଦକ୍ଷିଣ ଓଡ଼ିଶାର ଦୁଇ ପ୍ରମୁଖ ସହର ମଧ୍ୟରେ ଯୋଗାଯୋଗ ସୁବିଧା ସହିତ ରାସ୍ତାରେ ପଡୁଥିବା ସମୁଦାୟ ୪ଟି ଜିଲ୍ଲାର ଅନ୍ୟାନ୍ୟ ସହର ଓ ଗ୍ରାମାଞ୍ଚଳକୁ ନେଇ ଏକ ନୂଆ ଅର୍ଥନୈତିକ କରିଡର ସୃଷ୍ଟି ହେବ। ସାମଗ୍ରୀକ ଭାବେ ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ଭାବେ ଏହାର ନିର୍ମାଣ ଉପରେ ଆଗ୍ରହ ପ୍ରକାଶ କରିଥିବା ସହିତ ସ୍ୱତନ୍ତ୍ର ଦୃଷ୍ଟି ଦେଇ ରାସ୍ତା ନିର୍ମାଣ ପାଇଁ ମଞ୍ଜୁର କରିଛନ୍ତି।

▶ ୫ ଘଣ୍ଟାରେ ଅତିକ୍ରମ କରିହେବ ୩୦୫ କିଲୋମିଟର ରାସ୍ତା
▶ ବ୍ୟୟ ହେବ ୭ ହଜାର କୋଟି

ଆସନ୍ତା ୩ ବର୍ଷ ମଧ୍ୟରେ ରାସ୍ତା ନିର୍ମାଣ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାରୁ ଧାର୍ଯ୍ୟ କରାଯାଇଥିବା ନେଇ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ପୂର୍ବରୁ ସୂଚନା ଦେଇଥିଲେ। ସୂଚନାନୁଯାୟୀ, ଜୟପୁର-ବ୍ରହ୍ମପୁର ବିଜୁ ଏକ୍ସପ୍ରେସୱେ ସମୁଦାୟ ୪ଟି ଜିଲ୍ଲାର ୧୫ଟି ବ୍ଲକ ଦେଇ ନିର୍ମାଣ କରାଯିବ। ଏହି ମେଗା ପ୍ରକଳ୍ପରେ ଗଞ୍ଜାମ ଜିଲ୍ଲାରେ ସମୁଦାୟ ୪୩ କି.ମି, ଗଜପତି ଜିଲ୍ଲାରେ ୪୭ କି.ମି, ରାୟଗଡ଼ା ଜିଲ୍ଲାରେ ସର୍ବାଧିକ ୧୫୮ କି.ମି ଓ କୋରାପୁଟ ଜିଲ୍ଲାରେ ୫୭ କି.ମି ଚାରିଥାକିଆ ରାସ୍ତା ନିର୍ମାଣ ହେବ। ଏହି ରାସ୍ତା ନିର୍ମାଣ ହେଲେ ଯାତ୍ରୀ ଓ ମାଲ୍ ପରିବହନ, ଗମନାଗମନ ଓ ପର୍ଯ୍ୟଟନ ସମସ୍ତ କ୍ଷେତ୍ରରେ ଭିତ୍ତିଭୂମିର ଉନ୍ନତିକରଣ ହେବା ସହିତ ସ୍ଥାନୀୟ ଆଦିବାସୀ, ଉପାନ୍ତ ଓ ଅନୁନ୍ନତ ଅଞ୍ଚଳ ବାସିନ୍ଦାଙ୍କ ବିକାଶ ତ୍ୱରାନ୍ୱିତ ହୋଇପାରିବ। ଏହି ପ୍ରକଳ୍ପରେ ରାଜ୍ୟରେ ପ୍ରଥମ ଥର ପାଇଁ ପାହାଡ଼ କାଟି ସୁଡ଼ଙ୍ଗ ରାସ୍ତା ନିର୍ମାଣ ହେବ। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଏହି ଏକ୍ସପ୍ରେସ୍ ରୋଡ୍ ନିର୍ମାଣ ନେଇ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି ଲାଗି ଘରୋଇ ସଂସ୍ଥା ଚୟନ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ଉକ୍ତ ସଂସ୍ଥା ନକ୍ସା ପ୍ରସ୍ତୁତ ସହିତ ଜମି ଅଧିଗ୍ରହଣ ଓ ଜଙ୍ଗଲ ବିଭାଗର ଅନୁମତି ପାଇଁ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି କରାଯିବ। ଜମି ଅଧିଗ୍ରହଣ ପରେ ଉଚ୍ଛେଦ ଲୋକଙ୍କୁ ଥଇଥାନ ବ୍ୟବସ୍ଥା, ପୋଲ ନିର୍ମାଣ, ରାଜପଥ ନକ୍ସା ପ୍ରସ୍ତୁତ, ଟନେଲ ଓ ସଡ଼କ ସୁରକ୍ଷା ସହ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ କରାଯିବ।

## ପୋଖରୀରୁ କଇଁଫୁଲ ତୋଳିବାକୁ ଯାଇ ସ୍କ୍ରାପ୍ ବ୍ୟବସାୟୀ ନିଖୋଜ

**ପଟ୍ଟାଙ୍ଗି,୪।୩(ସମିସ):** ସ୍କ୍ରାପ ବ୍ୟବସାୟ କରୁଥିବା ଜଣେ ଯୁବକ ପୋଖରୀରୁ କଇଁଫୁଲ ତୋଳିବାକୁ ଯାଇ ପୋଖରୀ ଭିତରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ସୂଚନାନୁଯାୟୀ, ଓଡ଼ିଶା ସୀମାନ୍ତ ଆନ୍ଧ୍ରପ୍ରଦେଶ ଆରୁକୁ ଅଞ୍ଚଳର ବଳରାମ (୩୨) ସୋମବାର ନିଜ ପାଞ୍ଚ ଜଣ ସାଥିଙ୍କ ସହ କୁନ୍ଦୁଲି ଅଞ୍ଚଳକୁ ସ୍କ୍ରାପ୍ ସାମଗ୍ରୀ କିଣିବାକୁ ଆସିଥିଲେ। ସ୍କ୍ରାପ୍ ସାମଗ୍ରୀ କିଣିବା ପରେ ସମସ୍ତ ସାଥୀମାନେ ନିଜ ଗ୍ରାମକୁ ଫେରିବା ସମୟରେ ସମ୍ବାଇ ପଞ୍ଚାୟତର ମଣ୍ଡଳଗୁଡ଼ା ଆନ୍ଧ୍ର ଓଡ଼ିଶାକୁ ସଂଯୋଗ କରୁଥିବା ଆରଡି ରାସ୍ତାର ଉପର ପାର୍ଶ୍ୱରେ ଥିବା ପୋଖରୀ ନିକଟରେ ଖାଇବା ପାଇଁ ରହିଥିଲେ। ଖାଇ ସାରିବା ପରେ ଯୁବକ ଜଣକ ପୋଖରୀରେ ଫୁଟିଥିବା କଇଁଫୁଲଟିକୁ ତୋଳିବାକୁ ଯାଇ ସେ ବୁଡ଼ି ଯାଇ ନିଖୋଜ ହୋଇଯାଇଥିଲେ। ଏନେଇ ଗ୍ରାମବାସୀମାନେ ଖବର ପାଇ ଅଗ୍ନିଶମ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ବର୍ତ୍ତମାନ ସୁଦ୍ଧା ଖୋଜାଖୋଜି କରୁଥିବା ନେଇ ସୂଚନା ମିଳିଛି।

## ମାଟ୍ରିକ୍ ପରୀକ୍ଷାର ଅନ୍ତିମ ଦିନରେ ଦୁଇ ଛାତ୍ର ଗୋଷ୍ଠୀ ଗଣ୍ଡଗୋଳ

**ଜୟପୁର,୪।୩(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ଜେଇଏଲସି ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି। ଅନ୍ତିମ ଦିବସରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇ ପରୀକ୍ଷା କେନ୍ଦ୍ରରୁ ବାହାରକୁ ବାହାରିଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ କେନ୍ଦ୍ର ବାହାରେ ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଦେଖିବାକୁ ମିଳିଥିଲା। ଗୋଟିଏ ଛାତ୍ର ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀର ୭ରୁ ୮ ଜଣ ଛାତ୍ରଙ୍କ ସହିତ ପ୍ରଥମେ ପାଟିତୁଣ୍ଡ ଓ ପରେ ଗଣ୍ଡଗୋଳ ହୋଇଥିଲା। ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣ୍ଡଗୋଳକୁ ନେଇ ଟାଉନ୍ ଥାନାକୁ ଫୋନ୍ ମାଧ୍ୟମରେ ଜଣାଇବା ପରେ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇଙ୍କ ନେତୃତ୍ୱରେ ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କ ଛାତ୍ରମାନଙ୍କୁ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଥିଲେ। ଉଭୟ ପକ୍ଷର ଏତଲା ଯୋଗୁଁ ଉଭୟ ଗୋଷ୍ଠୀଙ୍କୁ ମିଳାମିଶା କରାଯିବା ସହ ଗଣ୍ଡଗୋଳ ନ କରିବାକୁ ତାଗିଦ୍ କରାଯାଇ ଥାନାରୁ ଛଡ଼ାଯାଇଥିବା ଥାନା ଅଧିକାରୀ ଶ୍ରୀ ଦଳେଇ ସୂଚନା ଦେଇଛନ୍ତି।

## ୮୫୪୦ ଶିଶୁ ଖାଇଲେ ପୋଲିଓ ବୁନ୍ଦା

**ବନ୍ଧୁଗାଁ,୪।୩(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକରେ ପୋଲିଓ ଦିବସ ପାଳନ ଅବସରରେ ୯୮ ପ୍ରତିଶତରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଦ୍ୱିତୀୟ ଦିନ ସୁଦ୍ଧା ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ପୋଲିଓ ବୁନ୍ଦା ଖୁଆଇବା ପାଇଁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକର ସମସ୍ତ ଗାଁରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ୧୦୨ଟି ବୁଥରେ କରାଯାଇଥିଲା। ବ୍ଲକରେ ଜନ୍ମରୁ ୫ ବର୍ଷ ବୟସର ୮୬୨୦ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା ଲକ୍ଷ୍ୟ ରଖିଛି। ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପରିବେଶ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିପିଓ ନୀଳକଣ୍ଠ ପାଣି ପରିଚାଳନା କରିଥିଲେ। ୧୧ ଜଣ ସୁପରଭାଇଜର ସଠିକ୍ ଭାବେ ତଦାରଖ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମ କରିବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## କେନ୍ଦୁଗୁଡ଼ା ଦଳ ଏସ୍‌ଡିସି କପ୍ ଚାମ୍ପିଅନ୍

**ବୈପାରୀଗୁଡ଼ା,୪।୩(ସମିସ):** ବୈପାରୀଗୁଡ଼ା ବ୍ଲକ ସ୍ଥିତ ମିନି ଷ୍ଟାଡିୟମଠାରେ ଚାଲିଥିବା ଏସଡିସି କ୍ରିକେଟ କପ୍ ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ସଭ୍ୟ ଏସଡିସି ହେମନ୍ତ ମହାପାତ୍ର, ଉପାଧ୍ୟକ୍ଷ ପୂର୍ଣ୍ଣିମା ବାରିକ, ଦୋରାଗୁଡ଼ା ସମିତିସଭ୍ୟ ତ୍ରିଲୋଚନ ଜେନା, ଏବିଡିଓ ନିବେଦିତା ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। ୫ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚ କେନ୍ଦୁଗୁଡ଼ା ଓ ବାଲିଗାଁ ମଧ୍ୟରେ ଖେଳାଯାଇଥିଲା। ବାଲିଗାଁ ଦଳ ପ୍ରଥମେ ବ୍ୟାଟିଂ କରି ୬୫ ରନ୍ କରିଥିବାବେଳେ କେନ୍ଦୁଗୁଡ଼ା ଦଳ ନିର୍ଦ୍ଧାରିତ ଓଭରରେ ୬୬ ରନ୍ ସଂଗ୍ରହ କରି ବିଜେତା ହୋଇଥିଲେ। ଏସଡିସି ସଦସ୍ୟ ହେମନ୍ତ ମହାପାତ୍ର ନିଜ ବକ୍ତବ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଆୟୋଜିତ ଏହି କ୍ରିକେଟ କପର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏଥିସହ ଏସଡିସି ମାଧ୍ୟମରେ ଆଦିବାସୀ ଜନଜାତିଙ୍କ ପାଇଁ ସରକାର କରୁଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିବା ସହ ବିଜେତା ଓ ଉପ ବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି କ୍ରିକେଟ ମ୍ୟାଚରେ ଅମ୍ପାୟାର ଭାବେ ଅଣ ଗାଦବା, ରମେଶ ଶୁକ୍ରୀ, ମହେଶ ପାରିଛା ଯୋଗଦେଇଥିବାବେଳେ ରାଜା ହରିଜନ, ସତ୍ୟ ମାଝୀ, ଲକ୍ଷ୍ମଣଚନ୍ଦ୍ର ପଡ଼ିଆ, ବିଭୀଷଣ ହନ୍ତାଳ, ସୁଧୀର ଗୁଣ୍ଟା, ସ୍ୱେଚ୍ଛାସେବୀ ଭାବେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମଟିକୁ ଏସଡିସି କପ୍ ସଂଯୋଜକ ପରିଚାଳନା କରିଥିଲେ।



## ମା' ଇଂଲାଜିନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଧୋଡ୍ରା,୪।୩(ସମିସ):** ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ଧୋଡ୍ରା ପଞ୍ଚାୟତ ସ୍ଥିତ ଖେଳପଡ଼ିଆରେ ମା' ଇଂଲାଜିନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଆଇପିଏଲ ଢ଼ାଞ୍ଚାରେ ଏହି ଟୁର୍ଣ୍ଣାମେଣ୍ଟରେ ୨୪ଟି ଦଳ ଭାଗ ନେଇଛନ୍ତି। ୪ଟି ଗ୍ରୁପ୍ କରାଯାଇଥିବା ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ତରଫରୁ ସଭାପତି ଆଜମିର ବେଗ ସୂଚନା ଦେଇଛନ୍ତି। କ୍ରିକେଟକୁ ନେଇ ଗ୍ରାମାଞ୍ଚଳ ଯୁବକମାନଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିବା ଲକ୍ଷ୍ୟରେ ଏପରି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଥିବା ନେଇ ଉପସଭାପତି ଘନ ମାଝି କହିଛନ୍ତି। ଆଗାମୀ ୧୩ ତାରିଖରେ ଦୁଇଟି ସେମିଫାଇନାଲ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ୧୫ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସଭାପତି ଆଜମିର ବେଗ, ଉପସଭାପତି ଘନ ମାଝି, ସମ୍ପାଦକ କୃଷ୍ଣ ଚନ୍ଦ୍ର ମାଝି, ଯୁଗ୍ମ ସମ୍ପାଦକ ସିତମ ହରିଜନ, କୋଷାଧ୍ୟକ୍ଷ ପିଙ୍କୁ ମୁନି, ଯୁଗ୍ମ କୋଷାଧ୍ୟକ୍ଷ ବଦ୍ରୁ ଚାଲାଣ ପ୍ରମୁଖ ଉପସ୍ଥିତ ଥିଲେ।




## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

# ଦିବ୍ୟାଙ୍ଗ ମହିଳାଙ୍କୁ ହ୍ୱିଲ୍‌ଚେୟାର ପ୍ରଦାନ

**କୋରାପୁଟ,୪।୩(ସମିସ):** ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଳିତ ଅଭିଯୋଗ ଶୁଣାଣିରେ ସମୁଦାୟ ୩୨ଟି ଅଭିଯୋଗ ଆସିଥିଲା। ଅଭିଯୋଗ ଶୁଣାଣିରେ ଏସ୍‌ପି ଅଭିନବ ସୋନକାର, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସୁଶାନ୍ତ କୁମାର ଦାସ, କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସୌମ୍ୟସାର୍ଥକ ମିଶ୍ର, ଗ୍ରାମ୍ୟ ନିର୍ମାଣ କୋରାପୁଟ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ପ୍ରଭାକର ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା କୁଣ୍ଡୁ, କୋରାପୁଟ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା, ଲିଡ୍ ବ୍ୟାଙ୍କ ମୁଖ୍ୟ ମ୍ୟାନେଜର ଲିଙ୍ଗରାଜ ସାହୁ, କୋରାପୁଟ କୃଷି ଜିଲ୍ଲା ଅଧିକାରୀ ବୈକୁଣ୍ଠନାଥ ବେହେରା, ଜଳବିଭାଜିକା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି, କୋରାପୁଟ ବିଡିଓ ଦେବାଶିଷ ଗୌଡ଼ଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ପରସଲା ଗ୍ରାମର ଦିବ୍ୟାଙ୍ଗ ମହିଳା କୌଶଲ୍ୟା ହରିଜନ ଅଭିଯୋଗ ଶୁଣାଣିରେ ପହଞ୍ଚି ସରକାରୀ ସୁବିଧା ଯୋଗାଇଦେବାକୁ ଅନୁରୋଧ କରିଥିଲେ। ଗତ ଦୁଇମାସ ପୂର୍ବରୁ ନବରଙ୍ଗପୁର ବେସରକାରୀ ହସ୍‌ପିଟାଲରେ ତାଙ୍କର ଗୋଟିଏ ଗୋଡ଼ କଟାଯାଇଥିବା ବେଳେ ଅନେକ ଅସୁବିଧା ହେଉଥିବାରୁ ସରକାରୀ ସହାୟତା ପାଇଁ ସ୍ୱାମୀ ଚମରୁ ହରିଜନ ଓ ସମ୍ପର୍କୀୟଙ୍କ ସହ ଏକ ଅଟୋରିକ୍ସାରେ କୋରାପୁଟ ଆସିଥିଲେ। ସଦ୍‌ଭାବନା ସଭାଗୃହରେ ଥିବା ଏକ ହ୍ୱିଲଚେୟାର ଦିଆଯାଇଥିଲା। ସେହି ହ୍ୱିଲଚେୟାରରେ ସ୍ୱାମୀ ତାଙ୍କୁ ବସାଇ ଜିଲାପାଳଙ୍କୁ ଭେଟିଥିଲେ। ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅଭିଯୋଗ ଶୁଣିଲା ପରେ ତତ୍‌କ୍ଷଣାତ ଏକ ହ୍ୱିଲଚେୟାର ପ୍ରଦାନ କରିବା ସହ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବାକୁ ଉପସ୍ଥିତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜାସୁକୁ ଗ୍ରାମ ବାସିନ୍ଦାମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଗ୍ରାମରେ ସମୁଦାୟ ୧୮୦ ପରିବାର ବସବାସ କରୁଛନ୍ତି। ଗ୍ରାମରେ ଗୋଟିଏ ସ୍କୁଲ ରହିଥିବାବେଳେ ସେଠାକୁ ଯିବା ପାଇଁ ରାସ୍ତା ନଥିବାରୁ ଛାତ୍ରଛାତ୍ରୀମାନେ ବହୁ କଷ୍ଟରେ ଚାଷ ଜମିଦେଇ ସ୍କୁଲକୁ ଯାଉଛନ୍ତି। ଆବଶ୍ୟକ ନଳକୂପ ନଥିବାରୁ ପାନୀୟ ଜଳ ସମସ୍ୟା ରହିଛି। ଗ୍ରାମରେ ଭଲ ରାସ୍ତାଟିଏ ନ ଥିବାରୁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦୁର୍ଯ୍ୟୋଧନ ମୁଦୁଲି କହିଛନ୍ତି। ନିର୍ବାଚିତ ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀମାନେ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। କୋରାପୁଟ ବ୍ଲକ ଅନ୍ତର୍ଗତ ଲିଟିମାଳିଗୁଡ଼ା ଗ୍ରାମର ହରି ମାଳିଙ୍କୁ ରେଡ୍‌କ୍ରସ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ୭୫୦୦ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ।



# ସୀମାନ୍ତରୁ ମହିଳା ମାଓବାଦୀ ଗିରଫ



**ମାଲକାନଗିରି,୪।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ଜଣେ ୧ ଲକ୍ଷ ଇନାମୀ ମହିଳା ମାଓବାଦୀକୁ ଯବାନମାନେ ଗିରଫ କରିଛନ୍ତି। ସୂଚନାନୁଯାୟୀ, ବିଜାପୁର ଜିଲ୍ଲାର ପାମେଡ୍ ଥାନା ଅଞ୍ଚଳରେ ସୋମବାର କୋବ୍ରା ୨୦୪ ଏବଂ କେରିପୁ ୧୫୧ ବାଟାଲିୟନର ଯବାନମାନେ ମିଳିତ ଭାବେ ଜରପାଲୀ ଜଙ୍ଗଲରେ ମାଓ ଦମନ ଅଭିଯାନ କରିଥିଲେ। ଏହି ସମୟରେ କିଛି ମହିଳା ଓ ପୁରୁଷ ଯବାନମାନଙ୍କୁ ଦେଖି ଜଙ୍ଗଲ ମଧ୍ୟରେ ଲୁଚି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଯବାନମାନେ ସନ୍ଦେହ କରି ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। ସେତିକିବେଳେ ଜଣେ ମହିଳାଙ୍କୁ ଯବାନମାନେ କାବୁ କରି ପଚରାଉଚରା ବେଳେ ଉକ୍ତ ମହିଳା ନିଜ ନାମ ରାମବାଇ କଟାମ ବୋଲି ପ୍ରକାଶ କରିବା ସହ ସେ ମାଓ ସଂଗଠନରେ କାର୍ଯ୍ୟ କରୁଥିବା ସ୍ୱୀକାର କରିଥିଲେ। ତେବେ ତାଙ୍କ ନାମରେ ୧ଲକ୍ଷର ଇନାମ ରାଶି ରହିଥିବା ମଧ୍ୟ ଜଣା ପଡ଼ିଥିବାବେଳେ ଯବାନମାନେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏହାସହ ତା' ନିକଟରୁ କିଛି ମାଓ ସାମଗ୍ରୀ, ବିସ୍ଫୋରକ ସାମଗ୍ରୀ ଆଦି ଯବାନମାନେ ଜବତ କରିଥିବା ଜଣାପଡ଼ିଛି।

## ଜଗନ୍ନାଥ ସାଗରର ଉନ୍ନତିକରଣ କାର୍ଯ୍ୟ ଜୋରଦାର୍

# ଜଳ ନିଷ୍କାସନ ପାଇଁ ୧୨ ସୁଡ଼ଙ୍ଗ ନିର୍ମାଣ

**ଜୟପୁର,୪।୩ (ସମିସ):** ଜୟପୁର ସ୍ଥିତ ଐତିହାସିକ ଜଗନ୍ନାଥ ସାଗର ସୌନ୍ଦର୍ଯ୍ୟକରଣ ଏବଂ ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଗତ ନଭେମ୍ବର ୯ରୁ ଅଦ୍ୟାବଧି ସାଗରର ଅଗାଧ ଜଳରାଶିର ନିଷ୍କାସନ କାର୍ଯ୍ୟ ଆରମ୍ଭ ହୋଇଛି। ଏହିପରି ପ୍ରଥମ ପର୍ଯ୍ୟାୟରେ ଜୟନଗର ହରିଜନ ସାହି ଆଡ଼ିବନ୍ଧ ଭାଙ୍ଗିବା ସହ ଜଳନିଷ୍କାସନ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କ୍ଷୁଦ୍ର ଜଳସେଚନ ବିଭାଗ ଡ୍ରେନ୍ ମାଧ୍ୟମରେ ଜଳ ନିଷ୍କାସିତ ହୋଇଥିଲା। ଏହିପରି ତିନିଟି ପର୍ଯ୍ୟାୟରେ ଜଗନ୍ନାଥ ସାଗରର ଅଗାଧ ଜଳରାଶିକୁ ନିଷ୍କାସନ ଆରମ୍ଭ ହୋଇଛି। କିନ୍ତୁ ଏହି ଜଳରାଶିକୁ ନିଷ୍କାସନ କରିବା ପାଇଁ ପୁନଃଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଦାୟିତ୍ୱରେ ରହିଥିବା ପୌରସଂସ୍ଥା ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତୃତୀୟ ପର୍ଯ୍ୟାୟରେ ଗତ ୨୫ରୁ ଆଜି ପର୍ଯ୍ୟନ୍ତ ୯ଟି ୪ ଇଞ୍ଚିଆ, ଗୋଟିଏ ୧୨ ଇଞ୍ଚିଆ ଏବଂ ଗୋଟିଏ ୮ ଇଞ୍ଚିଆ ରାସ୍ତାରେ ସୁଡ଼ଙ୍ଗ କରାଯାଇ ପାଇପ୍ ମାଧ୍ୟମରେ ଜଳ ନିଷ୍କାସିତ ଆରମ୍ଭ ହୋଇଥିଲା। ସୋମବାର ପୁଣି ଗୋଟିଏ ୧୨ ଇଞ୍ଚିଆ ସୁଡ଼ଙ୍ଗ ମାଧ୍ୟମରେ ରାସ୍ତାର ଅନ୍ୟ ଏକ ସ୍ଥାନରେ ସୁଡ଼ଙ୍ଗ କରାଯାଇ ଜଳନିଷ୍କାସିତ ଆରମ୍ଭ ହୋଇଛି। ଅନ୍ୟ ପକ୍ଷରେ ଚତୁର୍ଥ ପର୍ଯ୍ୟାୟରେ ଜଳନିଷ୍କାସନ ପାଇଁ ଜୟନଗର ଛକଠାରୁ ପଞ୍ଚାନନ ମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତା କାଟିବାକୁ ପୌର କାଉନସିଲ ବୈଠକରେ ନିଷ୍ପତ୍ତି ହୋଇଛି। ତେଣୁ ରାସ୍ତା



କାଟିବା ପାଇଁ ବ୍ୟବସ୍ଥା କରାଯାଉଛି। ଅତିଶିଘ୍ର ଜଳନିଷ୍କାସିତ ପାଇଁ ରାସ୍ତା କାଟିବା ବ୍ୟବସ୍ଥା କରାଯାଉଛି। ପ୍ରବାହିତ ଜଳ ଡ୍ରେନ୍ ସତିନଦୀକୁ ସଂଯୋଗ କରୁଥିବା ଚିକିଟି ନାଳ ଦେଇ ନିଷ୍କାସିତ ହେବ। ଏହିପରି ଉକ୍ତ ଡ୍ରେନକୁ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ତଦାରଖ ପରେ ପ୍ରାୟ ୪ କିଲୋମିଟର ପ୍ରୋକଲିନ ମେସିନ ସହାୟତାରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଯାଇଛି।

ବର୍ତ୍ତମାନ ଜଗନ୍ନାଥ ସାଗରର ମଧ୍ୟବର୍ତ୍ତୀ ଅଞ୍ଚଳରେ ପ୍ରାୟ ସାଢ଼େ ୫ ମିଟର ଜଳ ରହିଥିବାବେଳେ ଅନ୍ୟାନ୍ୟ ଅଞ୍ଚଳରେ ୪ ମିଟର ଜଳ ରହିଛି। ସେହିପରି ଗତ ନଭେମ୍ବରରୁ ଆଜି ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟ ନିଷ୍କାସନରେ ୩ ମିଟର ଜଳ କମିଯାଇଥିବା ନେଇ ଏହାର ଦାୟିତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀ ପ୍ରତାପ କୁମାର ଆଚାର୍ଯ୍ୟ କହିଛନ୍ତି। ସୂଚନାଯୋଗ୍ୟ, ପଙ୍କୋଦ୍ଧାର ଓ ସଫେଇ ନିମନ୍ତେ ଜଗନ୍ନାଥ ସାଗର ଜଳାଶୟରୁ ପ୍ରଥମ ପର୍ଯ୍ୟାୟ ଜଳନିଷ୍କାସନ ଜୟନଗର ହରିଜନ ସାହି ନିକଟସ୍ଥ ଆଡ଼ିବନ୍ଧକୁ ୬ ଫୁଟ୍ ଓସାରରେ ଭାଙ୍ଗି ଆରମ୍ଭ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କ୍ଷୁଦ୍ର ଜଳସେଚନ ବିଭାଗର ଜୟନଗର ଛକଠାରେ ରହିଥିବା କେନାଲରୁ ଜଳନିଷ୍କାସିତ ଲୁହା ଗେଟ୍ ଖୋଲାଯାଇ ଜଳନିଷ୍କାସନ ହୋଇଥିଲା। ସେହିପରି ଗତ ନଭେମ୍ବର ଜୟପୁର ପୌରସଂସ୍ଥା ପକ୍ଷରୁ ୧୫ଲକ୍ଷ ବ୍ୟୟ ଅଟକଳରେ ସଫେଇ ମେସିନ ସହାୟତାରେ ସଫେଇ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଜଗନ୍ନାଥ ସାଗର ପୁନଃଉଦ୍ଧାର ପାଇଁ ୩୦ କୋଟି ଟଙ୍କା ବ୍ୟୟରେ ୨ ଫୁଟ୍ ପଙ୍କ ଉଦ୍ଧାର ଏବଂ ପାର୍ଶ୍ୱ ହୁଡ଼ାରେ ପଥର ପ୍ୟାକିଂ, ସୌନ୍ଦର୍ଯ୍ୟକରଣ, ପାର୍କ ନିର୍ମାଣ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ କରାଯିବ। ସେହିପରି ସାଗରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାର୍କ ଓ ସୌନ୍ଦର୍ଯ୍ୟକରଣ ପାଇଁ ସୁନବେଡ଼ା ହିନ୍ଦୁସ୍ତାନ ଏରୋନଟିକ୍ସ ଲିମଟେଡ୍ (ହାଲ୍) ପକ୍ଷରୁ ୭ କୋଟି ଟଙ୍କାର ଚୁକ୍ତିନାମା କରାଯାଇଛି। ଏହିପରି ଆଗାମୀ ଜୁନ୍ ମାସଠାରୁ ବର୍ଷା ଆରମ୍ଭ ହୋଇଯିବ। ତେଣୁ ବର୍ଷାଦିନ ପୂର୍ବରୁ ଜଗନ୍ନାଥ ସାଗରର ପଙ୍କ ଉଦ୍ଧାର ଏବଂ ପଥରପ୍ୟାକିଂ କାର୍ଯ୍ୟ ଶେଷ କରିବାକୁ ଧାର୍ଯ୍ୟ କରାଯାଇଛି।

# କିଆଙ୍ଗରେ ସହିଦ ନରସିଂ ଡମ ସମାଜ ପକ୍ଷରୁ ବିଶାଳ ଜନସମାବେଶ



**ମାଥିଲି,୪।୩(ସମିସ):** ମାଲକାନଗିରି ଜିଲ୍ଲା ସହିଦ ନରସିଂ ଡମ୍ ସମାଜ ତରଫରୁ ଆଦିବାସୀ ମାନ୍ୟତା ପାଇଁ ବିଶାଳ ଜନସମାବେଶ କାର୍ଯ୍ୟକ୍ରମ ଜିଲ୍ଲା ଡମ୍ ସମାଜ ସଭାପତି ବଳରାମ ଅନୁଗୁଳିଆଙ୍କ ସଭାପତିତ୍ୱରେ ମାଥିଲି ବ୍ଲକର କିଆଙ୍ଗରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ଡମ୍ ସମାଜର ବିଶାଳ ସମାବେଶରେ ମାଥିଲି ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ସହିଦ ନରସିଂ ଡମ୍ ସମାଜର କାର୍ଯ୍ୟକର୍ତ୍ତା ଏବଂ ମାଲକାନଗିରି ସହର, ବାଲିମେଲା, ଚିତ୍ରକୋଣ୍ଡାର ଉକ୍ତ ସମାଜର ଜିଲ୍ଲା ପରିଚାଳନା କମିଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାବେଶରେ ମଞ୍ଚାସୀନ ଅତିଥି ଭାବେ ସହୀଦ୍ ନରସିଂ ଡମ୍ ସମାଜର ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର କୂଳଦୀପ, ସନ୍ତୋଷ ନାଗ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଡମମାନଙ୍କ ଇତିହାସ ଉପରେ ଆଲୋକପାତ କରିବା ସହ ଆଗାମୀ ଦିନରେ ମାଲକାନଗିରି ଜିଲ୍ଲାର ବସବାସ କରୁଥିବା ଡମ୍ ସମ୍ପ୍ରଦାୟର ସମସ୍ତ ଜନସାଧାରଣ ଆଦିବାସୀ ମାନ୍ୟତା ପାଇଁ କିଭଳି ପ୍ରଶାସନର ଦୃଷ୍ଟି ଆକର୍ଷଣ ଏବଂ ଜିଲ୍ଲାର ତୃଣମୂଳସ୍ତରରେ ସହିଦ ନରସିଂ ଡମ୍ ସମାଜର କାର୍ଯ୍ୟକର୍ତ୍ତା ପହଞ୍ଚି ଏହି ଜାତିର ବିକାଶ୍ ପାଇଁ ସଂକଳ୍ପ ନେଇଛନ୍ତି। ସହିଦ ନରସିଂ ଡମ୍ ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତା ମଦନ ଖୋସଲା, ସର୍ବ ବିଶୋଇ, ମଙ୍ଗଳା ପାଙ୍ଗି, କଣ୍ଢେଇ ପୋଟଲା, ବସନ୍ତ ନାୟକ, ଶମ୍ଭୁପ୍ରସାଦ ଅନୁଗୁଳିଆ, ତୁଳସୀରାମ ଦଳେଇ, ଦୟାମଣି ଗୋଲାରୀ, ଦଶରଥ ସଗରିଆ, ଶିବ ପାଟନିଆ, ବଳରାମ ପାଡ଼ନାୟକ ପ୍ରମୁଖଙ୍କ ସହ ୩ ହଜାରରୁ ଊର୍ଦ୍ଧ୍ୱ ଡମ୍ ସମାଜର ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର

**ମାଲକାନଗିରି,୪।୩(ସମିସ):** ଜିଲ୍ଲା ସଦରମହକୁମାର ତାରିଣୀ ମନ୍ଦିର ନିକଟସ୍ଥ ମାଲକାନଗିରି ଜୟପୁର ମୁଖ୍ୟ ରାସ୍ତାରେ ସୋମବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁଯାୟୀ, ଆଶୀର୍ବାଦ କଲୋନୀର ବୁଦୁରା ନାମକ ଯୁବକ ଏକ ବାଇକ ନେଇ ଯାଉଥିବାବେଳେ ଭାରସାମ୍ୟ ହରାଇ ଅପର ପକ୍ଷରୁ ଆସୁଥିବା ଏକ ଅଟୋକୁ ଧକ୍କା ଦେଇଥିଲେ। ଯାହାଫଳରେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିବାବେଳେ ସେ ଗୁରୁତର ହୋଇପଡ଼ିଥିଲେ ଏବଂ ଅଟୋ ଚାଳକ ମଧ୍ୟ ଆହତ ହୋଇଥିଲେ। ଖବର ପାଇ ମାଲକାନଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ବୁଦୁରା ଓ ଅଟୋ ଚାଳକଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଅଟୋ ଚାଳକ ମଧ୍ୟ ଆହତ ହୋଇଥିବାବେଳେ ତାଙ୍କର ଚିକିତ୍ସା ଜିଲ୍ଲା ଚିକିତ୍ସାଳୟରେ ଜାରି ରହିଥିବା ଜଣାପଡ଼ିଛି।

# ନବରଙ୍ଗପୁର ପୌରପାଳିକାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

**ନବରଙ୍ଗପୁର,୪।୩(ସମିସ):** ନବରଙ୍ଗପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ନବରଙ୍ଗପୁର ପୌରପାଳିକା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ଅଞ୍ଚଳରୁ ନିଜର ବ୍ୟକ୍ତିଗତ, ସାମୂହିକ ସମସ୍ୟା, ଆପତ୍ତି, ଅଭିଯୋଗ ଜଣାଇବା ପାଇଁ ଆସିଥିବା ମୋଟ ୭୫ ଜଣଙ୍କର ନାମ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଆପତ୍ତି ଅଭିଯୋଗ ୬୬ଟି ରହିଥିବାବେଳେ ବାକି ୯ଟି ଗୋଷ୍ଠିଗତ ରହିଥିଲା। ସମସ୍ତ ଅଭିଯୋଗକୁ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ଶୁଣାଣି କରି ଏସବୁର ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ନେବା ପାଇଁ ଏଥିରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ



ତରଫରୁ ସାମାଜିକ ସୁରକ୍ଷା ସହାୟତାରେ ଦୁଇ ଜଣଙ୍କୁ ବିବାହ ଆର୍ଥିକ ସହାୟତା ରାଶି ବାବଦରେ ଜଣଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ହିସାବରେ ଦୁଇଟି ଚେକ୍, ଜଣଙ୍କୁ କୃତ୍ରିମ ଅଙ୍ଗ ଜିଲ୍ଲାପାଳ ଡ. ମିଶ୍ରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଟକୃଷ୍ଣ ମିଶ୍ର, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମଳୟ କୁମାର ତ୍ରିପାଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ଜିଲ୍ଲା ମଙ୍ଗଳ ଅଧିକାରୀ ରବିନ୍ଦ୍ର ପାଲାକା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ନିର୍ବାହୀ ଅଧିକାରୀ ପୌରପାଳିକା ଶଙ୍କର କେରକେଟ୍ଟା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ତହସିଲଦାର ନବରଙ୍ଗପୁର କୈଳାସ ଚନ୍ଦ୍ର ତ୍ରିପାଠୀ, ବିଡିଓ ସୁନୀଲ ଖରା, ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପୌରପାଳିକା ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ଶିଶୁଙ୍କୁ ମାନପତ୍ର ଓ ଆର୍ଥିକ ସହାୟତା



**ନାରାୟଣପାଟଣା,୪।୩(ସମିସ):** ନାରାୟଣପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଶିଶୁମାନଙ୍କ ନିମନ୍ତେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବ୍ଲକର ବିଭିନ୍ନ ସ୍କୁଲରୁ ୫୦ରୁ ଅଧିକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ରଘୁନାଥ ପାଙ୍ଗୀ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ସୂର୍ଯ୍ୟ ନାରାୟଣ ପାଇରପୁ, ପ୍ରଦୀପ କୁମାର ଲିମା, ସମ୍ପାଦକ ଯାମି ସତ୍ୟନାରାୟଣ ଯୋଗଦେଇଥିଲେ। ଦିବ୍ୟାଙ୍ଗଙ୍କ ମଧ୍ୟରେ ପ୍ରତିଯୋଗିତା ପୂର୍ବକ ଦୌଡ଼, ନୃତ୍ୟ, ସଙ୍ଗୀତ, ମ୍ୟୁଜିକ୍ ଚେୟାର, ଚିତ୍ରାଙ୍କନ ଭଳି ବିଭିନ୍ନ ପ୍ରତିଯୋଗିତା କ୍ରୀଡ଼ା ଶିକ୍ଷକ ପ୍ରେମକାନ୍ତ ରାଉତଙ୍କ ଦ୍ୱାରା କରାଯାଇଥିଲା। ବିଭିନ୍ନ ବିଭାଗର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ଏବଂ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା। ଏହି କର୍ଯ୍ୟକ୍ରମକୁ ବିଆରପି ବ୍ରଜ କିଶୋର ପାଣିଗ୍ରାହୀ ପରିଚାଳନା କରିଥିବାବେଳେ ପାଲସୁ ତାଡିଙ୍ଗି ମଞ୍ଚ ପରିଚାଳନା କରିଥିଲେ।

# ଜେକେ କାଗଜକଳରେ ଜାତୀୟ ନିରାପତ୍ତା ସପ୍ତାହ




**ରାୟଗଡା,୪।୩(ସମିସ):** ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଜେକ କାଗଜକଳ ରାୟଗଡ଼ା କାରଖାନା ପରିସରରେ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରୁଛି। କାଗଜକଳର କର୍ମଚାରୀ, କଲୋନୀ କର୍ମଚାରୀ, ସ୍କୁଲ ପିଲା ଏବଂ ଗୃହିଣୀମାନଙ୍କ ମଧ୍ୟରେ ସୁରକ୍ଷା ସଚେତନତା ବଢ଼େଇବା ପାଇଁ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ରହିଛି। ଏକ ସପ୍ତାହିଆ ପାଳନ ଉତ୍ସବକୁ କାରଖାନାର ଡେପୁଟି ଡାଇରେକ୍ଟର ଚିତ୍ତରଞ୍ଜନ ବେଉରା ଜାତୀୟ ସୁରକ୍ଷା ପତାକା ଉତ୍ତୋଳନ କରି ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସିନିଅର ଜେନେରାଲ ମ୍ୟାନେଜର ମେକାନିକାଲ ଏମଆରକେ ରୟ, ଜେନେରାଲ ମ୍ୟାନେଜର କ୍ୱାଲିଟି କଣ୍ଟ୍ରୋଲ ଜିସ ପଟ୍ଟନାୟକ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଦୁର୍ଘଟଣା ଓ ବୃତ୍ତିଗତ ରୋଗ ତଥା ଜାତିର ସ୍ୱାର୍ଥରେ ପରିବେଶର ସୁରକ୍ଷା ପାଇଁ ଯଥା ସମ୍ଭବ କାର୍ଯ୍ୟ କରିବାକୁ କର୍ମଚାରୀମାନେ ସେଫଟି ପ୍ରତିଶ୍ରୁତି ଅନୁସରଣ କରିଥିଲେ। କାରଖାନାର ଡେପୁଟି ଡାଇରେକ୍ଟର ଚିତ୍ତରଞ୍ଜନ ବେଉରା ନେତୃତ୍ୱ ପ୍ରଦର୍ଶନ କରୁଥିବା ସମସ୍ତ କାର୍ଯ୍ୟର ନିରାପଦ କାର୍ଯ୍ୟକାରିତା ପାଇଁ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ଭଲ ସୁରକ୍ଷା ଅଭ୍ୟାସ ବଜାୟ ରଖିବା ଏବଂ ଅଧିକ ଉନ୍ନତି ପାଇଁ ଚେଷ୍ଟା କରିବା ପାଇଁ ଶ୍ରୀ ରାୟ କହିଥିଲେ। ସୁରକ୍ଷା ସପ୍ତାହର ମୂଲ୍ୟବୋଧ କାର୍ଯ୍ୟ ଆସନ୍ତା ୧୨ ମାର୍ଚ୍ଚରେ ପାଳନ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ମାଲକାନଗିରି ବିଜୁ ଜନତା ଦଳର ପ୍ରସ୍ତୁତି ବୈଠକ



**ମାଲକାନଗିରି,୪।୩(ସମିସ):** ମାଲକାନଗିରି ଜିଲ୍ଲାରେ ମଙ୍ଗଳବାର ପ୍ରବାଦ ପୁରୁଷ, ମହାନ୍ ଜନନାୟକ ଓ ରାଷ୍ଟ୍ରବାଦୀ ନେତା ବିଜୁ ବାବୁଙ୍କର ୧୦୮ ତମ ଜନ୍ମ ଦିବସ ପାଳନ ଏବଂ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଗସ୍ତକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୨ଟି ନିର୍ବାଚନ ମଣ୍ଡଳୀ, ପ୍ରତି ବ୍ଲକ ଏବଂ ସହରାଞ୍ଚଳରେ ମହାସମାରୋହରେ ସ୍ୱର୍ଗତ ବିଜୁବାବୁଙ୍କ ଜନ୍ମ ଦିବସ ପାଳନ ଏବଂ 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମ ପାଇଁ ମାଲକାନଗିରି ଜିଲ୍ଲାକୁ ଏକ ଦିନିଆ ଗ୍ରସ୍ତରେ ଆସୁଥିବା '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଗସ୍ତକୁ ସଫଳ କରିବା ପାଇଁ ଏହି ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରଯାଇଛି। ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ମାନସ ମାଡ଼କାମୀ ଅଧ୍ୟକ୍ଷତା କରିଥିବାବେଳେ ଏଥିରେ ଓଡ଼ିଶା ଜାଗା ମିଶନ୍ ଉପଦେଷ୍ଟା ହରିଶଙ୍କର ରାଉତ, ଜିଲ୍ଲା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଗୋପାଳକୃଷ୍ଣ ପଣ୍ଡା, ମାଲକାନଗିରି ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଦଶରଥ ମହାନ୍ତ, ପୌର ପରିଷଦ ଅଧ୍ୟକ୍ଷ ମନୋଜ କୁମାର ବାରିକ, ବିଜେଡି ଜିଲ୍ଲା ଉପଦେଷ୍ଟା ତପନ ସାନା, ଜିଲ୍ଲା ଉପ ସଭାପତି ଗଣେଶ ମଣ୍ଡଳ, ପୌର ଉପାଧ୍ୟକ୍ଷା କବିତା ମୋହନ୍ତ, ଜୋନ୍ ସଂଯୋଜକ ସତ୍ୟ ପାଣିଗ୍ରାହୀ, ପୌରାଞ୍ଚଳ ସଭାପତି ପି.ସାଇ, ସଂଯୋଜକ ମଙ୍ଗଳା ପାଙ୍ଗି, ବିଜେଡି ଯୁବ ନେତା ଅଟାଲ ରାଜୁ, ପେଣ୍ଡ୍ରା ପଣ୍ଡାଙ୍କ ସହ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଶାନ୍ତିଶୃଙ୍ଖଳା ସହ ସରିଲା ମାଟ୍ରିକ୍ ପରୀକ୍ଷା; କପି କରି ଧରାପଡ଼ିଲେ ୭

**କୋରାପୁଟ,୪।୩(ସମିସ):** ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ସୋମବାର ଶେଷ ଦିନରେ ସାମାଜିକ ବିଜ୍ଞାନ ବିଷୟର ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଜିଲ୍ଲାର ୭୯ଟି ପରୀକ୍ଷା କେନ୍ଦ୍ରରେ ଦ୍ୱିତୀୟ ଦିନରେ ୪୦୬ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ରେଗୁଲାରରେ ୧୮୦୯୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୪୪ ଜଣ ଛାତ୍ରଛାତ୍ରୀ ସୋମବାର ଅନୁପସ୍ଥିତ ଥିଲେ। ସେହିପରି ସିସି ରେଗୁଲାରରେ ୪୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସମସ୍ତେ ଉପସ୍ଥିତ, ଏକ୍ସ ରେଗୁଲାରରେ ୬୦ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ୧୦ ଜଣ ଅନୁପସ୍ଥିତ, ମଧ୍ୟମାରେ ୨୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭ ଜଣ ଅନୁପସ୍ଥିତ ଏବଂ ଏସଓଏସସିରେ ୨୧୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୫ଜଣ ଅନୁପସ୍ଥିତ ରହିଛନ୍ତି। ଜିଲ୍ଲାସ୍ତରୀୟ ସ୍କ୍ୱାଡ୍ ଏବଂ ବୋର୍ଡ ସ୍କ୍ୱାଡ୍ ଶେଷ ଦିନରେ ୧୬ଟି ପରୀକ୍ଷା କେନ୍ଦ୍ର ବୁଲିଥିବାବେଳେ ଜଣେ କପିରେ ଧରାପଡ଼ିଥିବା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ପରୀକ୍ଷା ଆରମ୍ଭରୁ ସୋମବାର ଶେଷ ଦିନ ପର୍ଯ୍ୟନ୍ତ ଜିଲ୍ଲାରେ ୭ ଜଣ କପି କରି ଧରାପଡ଼ିଛନ୍ତି। ବୋର୍ଡ ସ୍କ୍ୱାଡ୍ ୪ଜଣଙ୍କୁ ଧରିଥିବାବେଳେ ଜିଲ୍ଲାସ୍ତରୀୟ ସ୍କ୍ୱାଡ୍ ୩ ଜଣଙ୍କୁ ମାଲ୍ ପ୍ରାକ୍ଟିସ୍ କରିଥିବା କୋରାପୁଟ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜଣାପଡ଼ିଛି। ଜିଲ୍ଲାରେ ଶାନ୍ତିଶୃଙ୍ଖଳା ସହିତ ପରୀକ୍ଷା ଶେଷ ହୋଇଥିବାବେଳେ କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଜିଲ୍ଲାରେ ଥିବା ୧୦ଟି ନୋଡାଲ ସେଣ୍ଟରରେ ଖାତାଗୁଡ଼ିକ ପହଞ୍ଚିବା ପରେ ବୋର୍ଡ ତରଫରୁ ଖାତା ରିଲିଜ କରାଯିବା କାର୍ଯ୍ୟ ଆରମ୍ଭ ହୋଇସାରିଥିବା ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଫେବୃଆରୀ ୨୦ ତାରିଖରୁ ପରୀକ୍ଷା ଆରମ୍ଭ ହୋଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକରେ ହୋଇଥିବା ୧୦ଟି ନୋଡାଲ ସେଣ୍ଟରରେ ଚଳିତ ବର୍ଷ ସମୁଦାୟ ୭୯ଟି ସେଣ୍ଟରରେ ୧୮୪୭୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ରେଗୁଲାରରେ ୧୮୦୮୨, ଏକ୍ସ ରେଗୁଲାରରେ ୬୯, କରେସ୍ପଣ୍ଡେନ୍ସରେ ୩୧, ଏସଓଏସସିରେ ୨୭୬ ଓ ମଧ୍ୟମାରେ ୨୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ୨୮୬ଟି ବିଦ୍ୟାଳୟରେ ଛାତ୍ରଛାତ୍ରୀ ଚଳିତବର୍ଷ ପରୀକ୍ଷା ଦେଉଥିବାବେଳେ ପରୀକ୍ଷା ପରିଚାଳନା ପାଇଁ ୫ଟି ବିଦ୍ୟାଳୟ ଓ ୫ଟି ପୁଲିସ ଷ୍ଟେସନରେ ପ୍ରଶ୍ନପତ୍ର ରହିଥିଲା। ପରୀକ୍ଷା ପାଇଁ ୨୦ଟି ଡେସପାଚ ଟିମ୍ ଶିକ୍ଷା ବିଭାଗ ତରଫରୁ ନିୟୋଜିତ ହୋଇଥିଲା। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଖଞ୍ଜା ଯାଇଥିଲା।

# ନନ୍ଦପୁରରେ ୧୮ ପରୀକ୍ଷାର୍ଥୀ ଅନୁପସ୍ଥିତ

**ନନ୍ଦପୁର,୪।୩(ସମିସ):** ନନ୍ଦପୁର ବ୍ଲକର ୨୧ଟି ଉଚ୍ଚ ବିଦ୍ୟାଳୟ ଓ ଲମତାପୁଟ ବ୍ଲକର ୨ଟି ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ନିମନ୍ତେ ପ୍ରସ୍ତୁତ ୫ ପରୀକ୍ଷା କେନ୍ଦ୍ରରେ ପଞ୍ଜିକୃତ ୧୩୬୬ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩୪୮ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ୧୮ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ ସୂଚନା ଦେଇଛନ୍ତି। ୫ ପରୀକ୍ଷା କେନ୍ଦ୍ର ମଧ୍ୟରୁ ନନ୍ଦପୁର ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୯୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଥୁବା ନେତାଜୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୭୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୭ ଜଣ ପରୀକ୍ଷା ଦେଇଥିବାବେଳେ ୨ ଅନୁପସ୍ଥିତ ଥିଲେ। ବାଲଡ଼ା ଏସଏସଡି କନ୍ୟାଶ୍ରମ ପରୀକ୍ଷା କେନ୍ଦ୍ରରେ ୩୨୦ରୁ ୩୧୨ ଜଣ ପରୀକ୍ଷା ଦେଇଥିଲେ। ପାଡୁଆ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୬୯ରୁ ୨୬୫ ପରୀକ୍ଷା ଦେଇଥିଲେ। ହାଟଗୁଡ଼ା ସେବାଶ୍ରମ ପରୀକ୍ଷା କେନ୍ଦ୍ରରେ ପଞ୍ଜିକୃତ ସମସ୍ତ ୩୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଥିବାବେଳେ ପରୀକ୍ଷା କେନ୍ଦ୍ର ପରିଚାଳନା ପାଇଁ ନନ୍ଦପୁର ଉପଖଣ୍ଡ ପୁଲିସ ଅଧିକାରୀ ସମ୍ବିତ କୁମାର ମାଝୀଙ୍କ ନେତୃତ୍ୱରେ ନନ୍ଦପୁର ଓ ପାଡୁଆ ପୁଲିସ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଥିଲା। ସେପଟେ ପରୀକ୍ଷା ଶେଷ ହୋଇଥିବାବେଳେ ଛାତ୍ରଛାତ୍ରୀମାନେ ଖୁସିବ୍ୟକ୍ତ କରିଛନ୍ତି।









■ ତାର, ଟ୍ରାନ୍ସଫର୍ମର, ବିଦ୍ୟୁତ ଖୁଣ୍ଟ ଅଛି, କିନ୍ତୁ ଘର ଅନ୍ଧାର

# ବିଦ୍ୟୁତ୍ ସଂଯୋଗ ପାଇଁ ଜିଲ୍ଲାପାଳଙ୍କୁ ଗୁହାରି କଲେ ୧୦ ପରିବାର



**ରାୟଗଡ଼ା,୪।୩(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ସିରିପାଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖରକା ଗ୍ରାମ ଆଜି ବି ଅନ୍ଧାରରେ ରହିଛି। ଗାଁରେ ବସବାସ କରୁଥିବା ୧୦ ପରିବାରଙ୍କ ଘରେ ଆଲୁଅ ନାହିଁ। ଆଖପାଖ ଗାଁରେ ଆଲୁଅକୁ ଦେଖି ସେମାନଙ୍କ ଘରେ କେବେ ଆଲୁଅ ଜଳିବ ବୋଲି ବର୍ଷ ବର୍ଷ ଧରି ସ୍ୱପ୍ନ ଦେଖି ଆସୁଛନ୍ତି। ତେବେ ଟାଟା ପାୱାର (ଟିପିଏସଓଡିଏଲ) ବିଦ୍ୟୁତ ବିଭାଗର ଅବହେଳା ତଥା ଉଦାସିନତା ଗ୍ରାମବାସୀଙ୍କୁ ବିଦ୍ୟୁତ ସେବାରୁ ବଞ୍ଚିତ କରି ରଖିଛି। ଆଜି ବିଦ୍ୟୁତ ସଂଯୋଗ ହେବ କାଲି ହେବ ବୋଲି ଆଉ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତିକୁ ବିଶ୍ୱାସ କରି ନ ପାରି ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନଙ୍କୁ ଭେଟି ଗାଁର ବିଦ୍ୟୁତ ସଂଯୋଗ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି।

ଖରକା ଗ୍ରାମରେ ବିଦ୍ୟୁତ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ଲଗାଯାଇଛି। ବିଦ୍ୟୁତ୍ ଖୁଣ୍ଟ ସହ ତାର ମଧ୍ୟ ଟଣାଯାଇଛି। ହେଲେ ଗାଁର ଗୋଟିଏ ଘରକୁ ମଧ୍ୟ ବିଦ୍ୟୁତ ସଂଯୋଗ ଦିଆଯାଇ ନାହିଁ ବୋଲି ଅଭିଯୋଗ ପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ମହାଜନ୍ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ନିମନ୍ତେ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ରାୟଗଡ଼ା ଜିଆରପିଏସ୍ ଜୋନ୍ ଡିଏସପି ଭାବେ ନିରଞ୍ଜନ ପାଢ଼ୀଙ୍କ ଯୋଗଦାନ



ରାୟଗଡ଼ା,୪।୩(ସମିସ): ରାୟଗଡ଼ା ଉପଖଣ୍ଡ ରେଳବାଇ ପୁଲିସ ଅଧିକାରୀ ଭାବେ ଡିଏସପି ନିରଞ୍ଜନ ପାଢ଼ୀ ଯୋଗଦାନ କରିଛନ୍ତି। ଶ୍ରୀ ପାଢ଼ୀ ଏଥିପୂର୍ବରୁ ନୟାଗଡ଼ ସ୍ଥିତ ପୁଲିସ ତାଲିମ ସ୍କୁଲରେ ପ୍ରଶିକ୍ଷକ ଭାବେ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇ ଆସିଥିବାବେଳେ ଗତ ଫେବୃଆରୀ ମାସରେ ତାଙ୍କୁ ରାୟଗଡ଼ାର ସରକାରୀ ରେଳବାଇ ପୁଲିସ (ଜିଆରପିଏସ୍)ର ଡିଏସପି ଭାବେ ବଦଳି କରାଯାଇଛି। ରାୟଗଡ଼ା ଜିଆରପିଏସ୍ ଜୋନରେ ଥିବା ସମସ୍ତ ଥାନା ଅଞ୍ଚଳରେ ଲୋକଙ୍କୁ ଉଚିତ୍ ସେବା ଯୋଗାଇଦେବା ପ୍ରାଥମିକତା ରହିବ ବୋଲି ଶ୍ରୀ ପାଢ଼ୀ ପ୍ରକାଶ କରିଛନ୍ତି।

# ଗୁଣିଗାରେଡ଼ି ସନ୍ଦେହରେ ମାସେ ହେଲା ଗାଁରୁ ବାସନ୍ଦ

ରାୟଗଡ଼ା,୪।୩(ସମିସ)

ରାଜ୍ୟ ସରକାର ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସଠାରୁ ଦୂରେଇ ରହିବା ପାଇଁ ଅନେକ ସଚେତନତା ସୃଷ୍ଟି କରୁଥିବାବେଳେ ଆଦିବାସୀବହୁଳ ରାୟଗଡ଼ା ଜିଲ୍ଲାରେ ସଚେତନତା ଅଭାବରୁ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ଏବଂ ଗାଁରୁ ବାସନ୍ଦ ହେଉଛନ୍ତି ଅନେକ ପରିବାର। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା କୋଲନରା ସଦର ବ୍ଲକ୍ ଅନ୍ତର୍ଗତ ନନ୍ଦାବାଡ଼ି

● ଜିଲ୍ଲାପାଳଙ୍କୁ ଭେଟିଲେ ବାସନ୍ଦ ଜିଆନା ପୁଲାକାଙ୍କ ପରିବାର

ଗ୍ରାମରେ। ଏହି ଗ୍ରାମରେ ୧୪ଟି ଆଦିବାସୀ ପରିବାର ବସବାସ କରୁଥିବାବେଳେ ବିଭିନ୍ନ ସମୟରେ କେହି ରୋଗରେ ଆକ୍ରାନ୍ତ ହେଲେ ତଥା କାହାର ମୃତ୍ୟୁ ହେଲେ



ଗୁଣିଗାରେଡ଼ି ଯୋଗୁଁ ଏଭଳି ହେଉଥିବା ବିଷୟ ପ୍ରତି ବିଶ୍ୱାସ ଅଧିକ ରହିଥିବା ନେଇ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଥିବା ପୀଡ଼ିତ ଜିଆନା ପୁଲାକା କହିଛନ୍ତି।

ଗତ ଏକ ମାସ ତଳେ ଗ୍ରାମର ଜଣେ ୨୦ ବର୍ଷିୟ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ମୃତକଙ୍କ ପରିବାର ଲୋକେ ଗ୍ରାମରେ ରହୁଥିବା ଜିଆନା ପୁଲାକାଙ୍କୁ ଗୁଣିଗାରେଡ଼ି କରୁଥିବା ସନ୍ଦେହ କରି ଗ୍ରାମବାସୀଙ୍କ ସହ ତାଙ୍କ ୩ଟି ଝିଅ, ଦୁଇ ପୁଅଙ୍କୁ ଆକ୍ରମଣ କରିଥିଲେ। ପରେ ଗ୍ରାମବାସୀମାନେ ନିଷ୍ପତ୍ତି ନେଇ ଜିଆନାଙ୍କ ପରିବାରକୁ ଗ୍ରାମରୁ ବାସନ୍ଦ କରିଦେଇଥିବା ସେ ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ଜିଆନା ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ କରିବା ସହ ଗ୍ରାମବାସୀଙ୍କଠାରେ ସେ ଓ ତାଙ୍କ ପରିବାର ସୁରକ୍ଷିତ ନ ଥିବା ଦର୍ଶାଇଥିଲେ। ତେବେ ପୁଲିସ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ନେଇ ନିଜ ପରିବାର ଓ ସମ୍ପର୍କୀୟ ନାନୀଙ୍କ ସହ ମିଶି ରାୟଗଡ଼ା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ଭେଟି ଅନ୍ଧବିଶ୍ୱାସକୁ ଭିତ୍ତିକରି ଗ୍ରାମବାସୀମାନେ ମିଶି ଆକ୍ରମଣ କରିବା ଏବଂ ବାସନ୍ଦ କରିବା ଘଟଣା ସମ୍ପର୍କରେ ପ୍ରକାଶ କରିଥିଲେ। ବର୍ତ୍ତମାନ ଜିଆନା ଓ ତାଙ୍କ ପରିବାର ଚାନ୍ଦିଲି ଥାନା ଅନ୍ତର୍ଗତ ଅମଲାଭଟା ଗ୍ରାମରେ ନିଜ ସମ୍ପର୍କୀୟଙ୍କ ଘରେ ରହୁଥିବା ଜିଆନା ପ୍ରକାଶ କରିଛି। ଏଭଳି ଘଟଣା ଜିଲ୍ଲାରେ ଅନେକ ସମୟରେ ଦେଖିବାକୁ ମିଳୁଥିବାବେଳେ ଆଦିବାସୀ ଯୁବ ନେତା ତଥା ରାୟଗଡ଼ା ଜିଲ୍ଲା ସରପଞ୍ଚ ମହାସଂଘ ସଭାପତି ତାମାରାଓ ବିଡିକା ସମସ୍ତେ ସଚେତନ ହେବା ଆବଶ୍ୟକ। ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସକୁ ଛାଡ଼ି ସ୍ୱାସ୍ଥ୍ୟସେବା ଉପରେ ନିର୍ଭର କରି ଚଳିବା ଏବଂ ନିଜେ ସଚେତନ ହୋଇ ଅନ୍ୟକୁ ସଚେତନ କରାଇବା ଦ୍ୱାରା ଏଭଳି ଅନ୍ଧବିଶ୍ୱାସ ଜିଲ୍ଲାରୁ ମୁକ୍ତ ହୋଇପାରିବ ବୋଲି ପ୍ରକାଶ କରିଛନ୍ତି।

# ବିପୁଳ ପରିମାଣର ଗଞ୍ଜେଇ ଜବତ; ୪ ଗିରଫ

**ଚିତ୍ରକୋଣ୍ଡା,୪।୩(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ପୁଲିସ ୧୦୪ କେଜି ଗଞ୍ଜେଇ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗଞ୍ଜେଇ ଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚିତ୍ରକୋଣ୍ଡା ପୁଲିସର ଏକ ଟିମ୍ ରାତ୍ରକାଳୀନ ପାଟ୍ରୋଲିଂ ଓ ଯାନବାହନ ଯାଞ୍ଚ କରୁଥିବାବେଳେ ଏକ ଟ୍ରାକ୍ଟର (ଓଡି ୩୦ଡି ୫୨୧୩)କୁ ସନ୍ଦେହରେ ଅଟକାଇ କାଗଜପତ୍ର ଯାଞ୍ଚ କରିବା ସମୟରେ ଟ୍ରାକ୍ଟର ପଛରେ ଥିବା ଟ୍ରଲିରେ ୪ଟି ଜରି ପ୍ୟାକେଟରେ ଗଞ୍ଜେଇ ଭର୍ତ୍ତି ହୋଇ ରହିଥିବା ଜଣାପଡ଼ିଥିଲା। ଚିତ୍ରକୋଣ୍ଡା ପୁଲିସ ଘଟଣାସ୍ଥଳରୁ ଗଞ୍ଜେଇ ସହ ଉକ୍ତ ଟ୍ରାକ୍ଟରକୁ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଜବତ ଗଞ୍ଜେଇକୁ ଓଜନ କରାଯିବା ପରେ




ତାହା ୧୦୪ କେଜି ଥିବା ଜଣାପଡ଼ିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୁଲିସ କହିଛି। ଜବତ ଗଞ୍ଜେଇ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ଚାଲାଣ ହେଉଥିଲା ବୋଲି ପୁଲିସ ସୂଚନା ଦେଇଛି। ଏନେଇ ଚିତ୍ରକୋଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପାପରମେଟଲା ଗ୍ରାମର ହର ଖେମୁଡୁ, ଉଦ୍ଧବ ଖେମୁଡୁ, ରବି ଖରା, ଖଗପତି ଖେମୁଡୁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲେକା ପ୍ରକାଶ କରିଛନ୍ତି।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ମାଲକାନଗିରି,୪।୩(ସମିସ):** ମାଲକାନଗିରି ସରକାରୀ ଶିଳ୍ପ ତାଲିମ କେନ୍ଦ୍ରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ତାଲିମ କେନ୍ଦ୍ରର ଅଧକ୍ଷ ଇଂ ସମୀର ରଞ୍ଜନ ବେହେରା ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଧନେଶ୍ୱର ମହାପାତ୍ର ଯୋଗଦେଇ ରକ୍ତଦାନର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ରୂପେ ଜିଲ୍ଲା ରେଡକ୍ରସ ଆବାହକ ତଥା ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ରକ୍ତଦାତାମାନେ ହେଉଛନ୍ତି ଦେଶର ବଡ଼ ସମ୍ପତ୍ତି ଏବଂ ଆଜିର ବୀର ବୋଲି କହିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡ. ସାଗର ବାଲା, ଭକ୍ତବେକ ଅଧିକାରୀ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସଭାରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ରକ୍ତଦାନ ପାଇଁ ଉତ୍ସାହିତ ହୋଇଥିଲେ। ଅଧ୍ୟାପକ ସୋମନାଥ ସେନାପତି, ରିତେଶ କୁମାର ଯୋଗଦେଇ ୧୫ ୟୁନିଟ ରକ୍ତ ସଂଗ୍ରହ କରିଛନ୍ତି। ଏହି ଅବସରରେ ରକ୍ତ ଭଣ୍ଡାର ଟେକ୍ନିସିଆନ ତଥା କର୍ମଚାରୀ ଏନ.ଶୁଭନା, ଅର୍ଚ୍ଚନା ସୁଆର, ମୋହନ ଖେମୁଣ୍ଡୁ ସହଯୋଗ କରିଥିଲେ।



# ଇମ୍ଫା ଥେରୁବାଲିରେ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ

**ରାୟଗଡ଼ା/କୋଲନରା,୪।୩(ସମିସ):** ଆନନ୍ଦ ଉଲ୍ଲାସର ସହ ସୋମବାର ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ଥେରୁବାଲି ଇମ୍ଫା କାରଖାନା ପରିସରରେ ୫୩ତମ ଜାତୀୟ ସୁରକ୍ଷା ଦିବସ/ସପ୍ତାହ ପାଳନ ହୋଇଯାଇଛି। ରାୟଗଡ଼ା ସ୍ଥିତ ଓଡ଼ିଶା ସରକାରଙ୍କ କାରଖାନା ବାଷ୍ପତ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଚିତ୍ତରଞ୍ଜନ ବେଉରା, ସୁରକ୍ଷା ପତାକା ଉତ୍ତୋଳନ କରି ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ସମବେତ ଶ୍ରମିକ ଓ କର୍ମଚାରୀମାନଙ୍କୁ ସୁରକ୍ଷା ଶପଥପାଠ କରାଇଥିଲେ। ପ୍ରତ୍ୟେକ ମଣିଷ ଜୀବନରେ ସୁରକ୍ଷା ଏକ ପ୍ରମୁଖ ଅଙ୍ଗ ହୋଇଥାଏ, ତେଣୁ ସମସ୍ତେ ସୁରକ୍ଷା ପ୍ରତି ସଜାଗ ରହି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ ଦିନର ଶେଷରେ ଆମର ମୂଳ ଲକ୍ଷ୍ୟ ସୁରକ୍ଷା ଓ ନିରାପତ୍ତା ହେବା ଆବଶ୍ୟକ। ଯାହାକି ସତର୍କ ରହିଲେ ଏହା ସରଳ ହୋଇଥାଏ। ଏହି




କାର୍ଯ୍ୟକ୍ରମରେ ଇମ୍ଫା ଥେରୁବାଲିର ଉପସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଏହି ଅବସରରେ ଉପସ୍ଥିତ ଶ୍ରମିକ ଓ କର୍ମଚାରୀମାନଙ୍କୁ ଦୈନନ୍ଦିନ ଜୀବନରେ ସୁରକ୍ଷାର ଆବଶ୍ୟକତା ଉପରେ ବୁଝାଇଥିଲେ ଏବଂ ମନୁଷ୍ୟ ଜୀବନକୁ ସୁରକ୍ଷିତ ରଖିବାଠାରୁ ଅନ୍ୟ କୌଣସି କାମ ଗୁରୁତ୍ୱପୂର୍ଣ୍ଣ ହୋଇ ନ ପାରେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଉପସ୍ଥିତ ଶ୍ରମିକ, କର୍ମଚାରୀ ଓ ବିଭିନ୍ନ ବିଭାଗର ମୁଖ୍ୟ ଓ ଅଧିକାରୀମାନେ ଏକ ଦସ୍ତଖତ ଅଭିଯାନରେ ସାମିଲ ହୋଇଥିଲେ। ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ଆସନ୍ତା ୧୦ ତାରିଖ ଯାଏ ପାଳିତ ହେବ। ଏହି ଅବସରରେ ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ସହ ଉଦଯାପନ ଉତ୍ସବରେ ସୁରକ୍ଷା ଉପରେ ଆଧାରିତ ଏକ କ୍ଷୁଦ୍ର ନାଟକ ପରିବେଷିତ ହେବ ବୋଲି ସୁରକ୍ଷା କମିଟି ସୂଚନା ପ୍ରକାଶ କରିଛନ୍ତି। ସୁରକ୍ଷା ବିଭାଗର ମୁଖ୍ୟ ପ୍ରଦ୍ୟୁମ୍ନ ଆଚାର୍ଯ୍ୟ ସଂଯୋଜନା କରିଥିବାବେଳେ ଇମ୍ଫା କାର୍ମିକ ଓ ପ୍ରଶାସନିକ ବିଭାଗର ବରିଷ୍ଠ ପରିଚାଳକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ରେଡକ୍ରସ୍ ସୋସାଇଟି ତରଫରୁ ଯକ୍ଷ୍ମା ରୋଗୀଙ୍କୁ ଖାଦ୍ୟ ବଣ୍ଟନ

**ମାଲକାନଗିରି,୪।୩(ସମିସ):** ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ଶାଖା ତରଫରୁ ମାଲକାନଗିରି ଜିଲ୍ଲାରେ ୧୨୫୨ ଯକ୍ଷ୍ମା ରୋଗୀଙ୍କୁ ସୋମବାର ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଛି। ରକ୍ତ ଭଣ୍ଡାର ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ ସୋସାଇଟିର ଅଧକ୍ଷ ସଚିନ ପ୍ରକାଶ ପାୱାର ଉପସ୍ଥିତ ରହି ଯକ୍ଷ୍ମା ରୋଗୀମାନଙ୍କୁ ଖାଦ୍ୟ ପ୍ୟାକେଟ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ପ୍ରଫୁଲ୍ଲ କୁମାର ନନ୍ଦ ଯୋଗଦେଇ ମାଲକାନଗିରି ଜିଲ୍ଲାରେ କିପରି ଯକ୍ଷ୍ମା ରୋଗର ନିରାକରଣ ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଜିଲ୍ଲା ରେଡକ୍ରସର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଯକ୍ଷ୍ମା ରୋଗ ଅଧିକାରୀ ଡାକ୍ତର ଧନେଶ୍ୱର ମହାପାତ୍ର ସଭାପତିତ୍ୱ କରି ଯକ୍ଷ୍ମା ରୋଗୀ କିପରି ସୁଷମ ଖାଦ୍ୟ ଖାଇ ସୁସ୍ଥ ହୋଇପାରିବେ ତାହା



ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ ରେଡକ୍ରସ ଆବାହକ ଡ. ରଞ୍ଜନ କୁମାର ସ୍ୱାଇଁ ଆୟୋଜନ କରିଥିବା ସହିତ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ସଂଯୋଜକ ବାବୁଜି ଖରା ପ୍ରତ୍ୟକ୍ଷ ସହଯୋଗ କରିଥିଲେ ଓ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତରେ ସାମିଲ ହୋଇଥିବା ପ୍ରତ୍ୟେକ ଯକ୍ଷ୍ମା ରୋଗୀଙ୍କୁ ୬ ମାସ ପର୍ଯ୍ୟନ୍ତ ୬୫୦ ଟଙ୍କାରେ ମୁଗ ଡାଲି, ବୁଟ ଡାଲି, ସୋୟାବିନ, ଅମୁଲ ସ୍ପ୍ରେ, ଖାଇବା ତେଲ ଦିଆଯାଏ ବୋଲି ସୂଚିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୭ଟି ବ୍ଲକର ଯକ୍ଷ୍ମା କକ୍ଷ ମାଧ୍ୟମରେ ଖାଦ୍ୟ ପ୍ୟାକେଟଟି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଯକ୍ଷ୍ମା ନିରାକରଣ ପ୍ରକଳ୍ପରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଓ ପିରାମଲ ସ୍ୱାସ୍ଥ୍ୟ ସଂସ୍ଥା କର୍ମଚାରୀ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ।

## ଜମୁଛି ଅଳିଆ ଆବର୍ଜନା; ନିଦାବିଷ୍ଟ ପ୍ରଶାସନ

# ଦୁର୍ଗନ୍ଧରେ ଫାଟି ପଡୁଛି ମୁନିଗୁଡ଼ା ପ୍ରବେଶ ଦ୍ୱାର

ମୁନିଗୁଡ଼ା,୪।୩(ସମିସ)

ଦୁର୍ଗନ୍ଧରେ ଫାଟି ପଡୁଛି ମୁନିଗୁଡ଼ା ପ୍ରବେଶ ଦ୍ୱାର। ଖବର ପ୍ରସାରଣ ପରେ ମଧ୍ୟ ଚେତୁନି ପ୍ରଶାସନ। ଫଳରେ ଉକ୍ତ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ମୁନିଗୁଡ଼ାର ମୁଖ୍ୟ ପ୍ରବେଶ ଦ୍ୱାର ଶ୍ମଶାନ ନିକଟ ରାଜରାସ୍ତା ପାର୍ଶ୍ୱରେ ମୁନିଗୁଡ଼ା ସହରର କିଛି ବ୍ୟବସାୟୀ କୁକୁଡ଼ା, ଛେଳିମାନଙ୍କ ଅଂଶବିଶେଷ

● ଗନ୍ଧରେ ଅଣନିଃଶ୍ୱାସୀ ଅଞ୍ଚଳବାସୀ

● ଖବର ପ୍ରସାରଣ ପରେ ମଧ୍ୟ ଚେତୁନି ପ୍ରଶାସନ

ସହିତ ପଚାଶଢ଼ା ପନିପରିବା ଓ ଯାବତୀୟ ସାମଗ୍ରୀ ଅମ୍ବାଦଳାରୁ ମୁନିଗୁଡ଼ା ପ୍ରବେଶ ଦ୍ୱାର ରହିଥିବା ମୁନିଗୁଡ଼ା ଶ୍ମଶାନ ପାର୍ଶ୍ୱରେ ଫିଙ୍ଗି ଦେଉଥିବାରୁ ଉକ୍ତ ଅଞ୍ଚଳ ଦୁର୍ଗନ୍ଧରେ ନାକ ଫାଟି ପଡୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେ ରାସ୍ତାରେ ଯିଏ ଯାଉଛି ନାକରେ ହାତ ଦେଇ ଯାଉଛି। ଦୁର୍ଗନ୍ଧ ସାଙ୍ଗକୁ ମଶା ମାଛି ଭଣ ଭଣ ରାସ୍ତାରେ ଚାଲିବା ମୁସ୍କିଲ ହୋଇଯାଉଛି। ଦିନକୁ ଦିନ ପରିସ୍ଥିତି ଅସମ୍ଭାଳ ହେଉଛି। ଉକ୍ତ ରାସ୍ତା କଡ଼ରେ



ଭଗବାନ ହନୁମାନଙ୍କ ପ୍ରତିମୂର୍ତ୍ତି ଥିବାବେଳେ ଶ୍ରଦ୍ଧାଳୁମାନେ ଦୁର୍ଗନ୍ଧ ଯୋଗୁଁ ସେଠାକୁ ଯିବାକୁ ମୁହଁ ଫେରାଉଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ସମେତ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ନର୍କ ଯନ୍ତ୍ରଣା ଭୋଗୁଛନ୍ତି। ଦୀର୍ଘ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ଏପରି ଚାଲିଛି, ହେଲେ ଏ ସବୁ ପରିସ୍ଥିତି ସୃଷ୍ଟି କରୁଥିବା ଲୋକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି। ଅଞ୍ଚଳବାସୀ ଏ ଗନ୍ଧରୁ ରକ୍ଷା ପାଇବାକୁ ବହୁ ଜାଗାରେ ଗୁହାରି କରି ସାରିଲେଣି, ହେଲେ କିଛି ବି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି।

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସହରରେ ଥିବା ଅଳିଆ ଆବର୍ଜନା ଓ କୁକୁଡ଼ା ଏବଂ ଛେଳିମାନଙ୍କ ଶରୀରରୁ ବାହାରୁଥିବା ଅଦରକାରୀ ଜିନିଷଗୁଡ଼ିକୁ ଆଣି ଶ୍ମଶାନ ନିକଟ ମୁନିଗୁଡ଼ାର ମୁଖ୍ୟ ପ୍ରବେଶ ଦ୍ୱାର ରାସ୍ତା କଡ଼କୁ ଫିଙ୍ଗି ଦେଉଥିବା ଅଭିଯୋଗ ହେଉଛି। ବର୍ଷ ବର୍ଷ ଧରି ଏପରି ଚାଲିଥିବାବେଳେ ଅଳିଆ ଆବର୍ଜନାର ପାହାଡ଼ ହୋଇଥିବା ଦେଖିବାକୁ ମିଳୁଛି। ଅଳିଆ ଆବର୍ଜନା ଜମିବା ଦ୍ୱାରା ପୋକ, ମାଛି, ମଶା ସାଲୁବାଲୁ ହେଉଛନ୍ତି। ଗନ୍ଧରେ ନାକ ଫାଟି ପଡୁଛି। ଅଞ୍ଚଳବାସୀ ଏହି ଗନ୍ଧରେ ଅତିଷ୍ଠ ହୋଇ ପଡ଼ିଲେଣି। ଏପରି ଚାଲୁ ରହିଲେ ପାଖାପାଖି ରହୁଥିବା ଲୋକେ କୌଣସି ରୋଗରେ ପୀଡ଼ିତ ନ ହେବେ ସେ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ପରିସ୍ଥିତି ଏପରି ହେଲାଣି ଯେ, ପାଖରେ ଥିବା ନଦୀ ଦୂଷିତ ହେବା ସହ ଉକ୍ତ ଜଳକୁ ସେବନ କଲେ ରୋଗଗ୍ରସ୍ତ ହେବା ଥୟ। ପରିବେଶ ପ୍ରଦୂଷଣ ନେଇ ନିର୍ଦ୍ଦିଷ୍ଟ ଆଇନ ରହିଥିଲେ ମଧ୍ୟ ଏହି ଆଇନକୁ ଉଲ୍ଲଙ୍ଘନ କରି କିଛି ଲୋକ ଏପରି କାର୍ଯ୍ୟ ଚଳାଇ ଆସୁଛନ୍ତି। ଗନ୍ଧମୟ ପରିବେଶ ଯୋଗୁଁ ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅନୁମାନ କରାଯାଉଛି। ତେଣୁ ମୁନିଗୁଡା ପୁଲିସ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଥିବାବେଳେ ପୁଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ମୁନିଗୁଡ଼ା ପଞ୍ଚାୟତ ସମିତିକୁ ମଧ୍ୟ ଏହି ବିଷୟରେ ଅବଗତ କରାଯାଉଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ନିଦାବିଷ୍ଟ ସାଜିଛି। ଘଟଣାକୁ ନେଇ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି ହେଉଥିବାବେଳେ ବୁଦ୍ଧିଜୀବୀମାନେ ନିନ୍ଦା କରିଛନ୍ତି। ଦୁର୍ଗନ୍ଧମୟ ପରିବେଶକୁ ଦେଖି ମୁନିଗୁଡ଼ା ବିକାଶ ପରିଷଦ ଓ ବଜରଙ୍ଗ ଦଳ ସହିତ ସମସ୍ତ ସଂଗଠନ ଏହା ଉପରେ ହସ୍ତକ୍ଷେପ କରନ୍ତୁ ବୋଲି ଅଞ୍ଚଳବାସୀ ଅନୁରୋଧ କରିବା ସହ ଅଳିଆ ଆବର୍ଜନା ସବୁକୁ ଖୋଲା ଜାଗାକୁ ନ ଛାଡ଼ି ସେମାନେ ତାଙ୍କର ସ୍ୱତନ୍ତ୍ର ବନ୍ଦୋବସ୍ତ କରିବାକୁ ମୁନିଗୁଡ଼ା ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ଉକ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ମୁନିଗୁଡ଼ା ବ୍ଲକ୍ ଓ ପୁଲିସ ପ୍ରଶାସନ ପକ୍ଷରୁ ଏଭଳି ପରିସ୍ଥିତି ସୃଷ୍ଟି କରୁଥିବା ଲୋକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**ରାୟଗଡ଼ା,୪।୩(ସମିସ):** ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ସୋମବାର ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସଭାଗୃହଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ହରିଶ ବିସି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ, ଜିଲ୍ଲା ପରିଷଦ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ପିଏ ଆଇଟିଡିଏ ଦିଲ୍ଲୀପ କୁମାର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲମୋହନ ରାଉତରାୟ ପ୍ରମୁଖ ଯୋଗଦେଇ ଶୁଣାଣି କରିଥିଲେ। ମୋଟ ୬୭ଟି ଅଭିଯୋଗରୁ ୪୪ଟି ବ୍ୟକ୍ତିଗତ ଓ ୧୯ଟି ସାମୂହିକ ଅଭିଯୋଗ ଥିଲା। ଜିଲ୍ଲାପାଳ ୨ ଜଣଙ୍କୁ ୧୫ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଏବଂ ୨ ଜଣଙ୍କୁ ୧୫ହଜାର ଟଙ୍କା ରେଡକ୍ରସରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା, ଜିଲ୍ଲା ମଙ୍ଗଳ ଅଧିକାରୀ ଭାରତ ଭୂଷଣ ବିଶ୍ୱାଳ, ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ ଗୃହ, ଗ୍ରାମ୍ୟ ନିର୍ମାଣ, ମଧ୍ୟମ ଜଳସେଚନ, ଜନସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳଯୋଗାଣ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ଜରୁରିକାଳୀନ ଅଧିକାରୀ, ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ ମନୋଜ କୁମାର ପ୍ରଧାନ, ଉଦ୍ୟାନ ଉପନିର୍ଦ୍ଦେଶକ ଦୟାନିଧି ରାଉତ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ହାଡ଼ିବନ୍ଧୁ ଭୋଇ, ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଦୟାନିଧି ବାଘ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଟଟାଲ ଷଡ଼ଙ୍ଗୀ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଜିଲ୍ଲାପାଳ ଉକ୍ତ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟରେ ଅବ୍ୟବସ୍ଥା

# ସମସ୍ତ ଶିକ୍ଷକ ଅନୁପସ୍ଥିତ; ଛାତ୍ରଛାତ୍ରୀ ଅସନ୍ତୋଷ




**ଜୟପୁର,୪।୩ (ସମିସ):** ରାଜ୍ୟର ଅନ୍ୟତମ ତଥା ସର୍ବପୁରାତନ କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟରେ ଅବ୍ୟବସ୍ଥାରେ ପାଠ୍ୟକ୍ରମ ଚାଲିଥିବାର ଦେଖିବାକୁ ମିଳିଛି। ବିଦ୍ୟାଳୟରେ ମାତ୍ର ଦୁଇ ଜଣ ଅଧ୍ୟାପକ ନିଯୁକ୍ତ ଥିବାବେଳେ ଉଭୟଙ୍କ ଅନୁପସ୍ଥିତିରେ କେବଳ କର୍ମଚାରୀଙ୍କ ଉପସ୍ଥିତିରେ ଶ୍ରେଣୀ ଚାଲିଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ଅଧ୍ୟକ୍ଷ ସରକାରୀ କାର୍ଯ୍ୟରେ ସିଲାବସ ବୈଠକରେ ଯୋଗଦେବା ପାଇଁ ଭୁବନେଶ୍ୱର ଯାଇଥିବାବେଳେ ଅନ୍ୟଜଣେ ସହକାରୀ ଶିକ୍ଷକ ବିଦ୍ୟାଳୟ ଆସିନଥିଲେ। ଦୁଇଜଣ ଶିକ୍ଷକଙ୍କ ଅନୁପସ୍ଥିତିରେ ବିଦ୍ୟାଳୟର ଯୁକ୍ତଦୁଇ ପ୍ରଥମ ବର୍ଷର ଛାତ୍ରମାନେ ନିଜେ ନିଜେ ଶ୍ରେଣୀରେ ବସି ଚିତ୍ରାଙ୍କନ କରୁଥିବାବେଳେ କିଛି କର୍ମଚାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ବର୍ତ୍ତମାନ ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଅନ୍ୟତମ ଶିକ୍ଷକ ଦାସ ମୁର୍ମୁ ଦାୟିତ୍ୱରେ ରହିଥିଲେ ସୁଦ୍ଧା ସେ ମଧ୍ୟ ଅନୁପସ୍ଥିତ ଥିଲେ। ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଏବଂ ପ୍ରଶିକ୍ଷଣରେ ସମସ୍ୟା ସୃଷ୍ଟି ହୋଇଥିଲା। ବିଦ୍ୟାଳୟର ଉପସ୍ଥିତ କର୍ମଚାରୀମାନଙ୍କୁ ପଚରାଉଚରା କରିବାବେଳେ ଉକ୍ତ ଶିକ୍ଷକ ଆସିନଥିବା କହିଥିଲେ। କୌଣସି ଛୁଟି ନେଇ ଦରଖାସ୍ତ କିମ୍ବା କୌଣସି ଆବେଦନ ପତ୍ର ଦାଖଲ କରି ନ ଥିବାବେଳେ ସରକାରୀ କାର୍ଯ୍ୟକୁ ବେଖାତିର କରିବାକୁ ନେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୂର୍ବରୁ ଉକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଛାତ୍ରଛାତ୍ରୀ ଅଭିଯୋଗ କରୁଥିଲେ ସୁଦ୍ଧା କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲା। କିନ୍ତୁ ଆଜି ଏହି ସର୍ବପୁରାତନ ଚାରୁ ଓ କାରୁକଳା ବିଦ୍ୟାଳୟରେ ଶିକ୍ଷକମାନଙ୍କ ଅନୁପସ୍ଥିତି ବିଦ୍ୟାଳୟର ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଅନୁପସ୍ଥିତ ଥିବା ଶିକ୍ଷକ ଶ୍ରୀ ମୁର୍ମୁଙ୍କୁ ଫୋନ ଯୋଗେ ଯୋଗଯୋଗ କରିବାରୁ ତାଙ୍କର ଶରୀର ଅସୁସ୍ଥ ରହିଥିବା ସହିତ ଗୋଡ଼ଭାଙ୍ଗି ଯାଇଥିବା କହିଥିଲେ। କିନ୍ତୁ ଏନେଇ କୌଣସି ଛୁଟି ଦରଖାସ୍ତ ବିଦ୍ୟାଳୟରେ ଦାଖଲ କରିନାହାଁନ୍ତି। ଏନେଇ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଯୁଧିଷ୍ଠିର ମଲ୍ଲିକ ଭୁବନେଶ୍ୱର ସରକାରୀ ଗସ୍ତରେ ରହିଥିବାବେଳେ ତାଙ୍କୁ ଯୋଗାଯୋଗ କରିବାରୁ ଶିକ୍ଷକ ଶ୍ରୀ ମୁର୍ମୁ ବିଦ୍ୟାଳୟ ଦାୟିତ୍ୱରେ ରହିଥିବା ନେଇ କହିଥିଲେ। କିନ୍ତୁ ଶିକ୍ଷକ ତଥା ପ୍ରଶିକ୍ଷକ ଶ୍ରୀ ମୁର୍ମୁଙ୍କୁ ବିନା ଛୁଟି ଦରଖାସ୍ତରେ ଏପରି ସରାକାରୀ କାର୍ଯ୍ୟ ପ୍ରତି ଅବହେଳାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରି ବିନା ଛୁଟି ଦରଖାସ୍ତ ଏବଂ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଶିକ୍ଷକ ଶ୍ରୀ ମୁର୍ମୁଙ୍କ ଅନୁପସ୍ଥିତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

## ମୁନ୍‌ସୀଙ୍କ ପରିବାରକୁ ଆର୍ଥିକ ସହାୟତା



**ଉମରକୋଟ,୪।୩(ସମିସ):** କେନ୍ଦୁପତ୍ର ବିଭାଗ କାର୍ଯ୍ୟାଳୟଠାରେ କାର୍ଯ୍ୟରତ ମଧୁ ଭତ୍ରାଙ୍କ ମୃତ୍ୟୁ ହୋଇଥିବାବେଳେ ଉକ୍ତ ବିଭାଗର କର୍ମଚାରୀମାନେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ସୂଚନାନୁଯାୟୀ, ନବରଙ୍ଗପୁର ଜିଲ୍ଲା ଉମରକୋଟ ସେକ୍ସନ କେନ୍ଦୁପତ୍ର ବିଭାଗରେ କାର୍ଯ୍ୟ କରୁଥିବା ମୁନସୀ ମଧୁ ଭତ୍ରାଙ୍କ ପରିବାରଙ୍କୁ ବିଭାଗୀୟ ପରେଷ୍ଟର ଓ କିଛି ସହକର୍ମୀ ମିଶି ଏହି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଉମରକୋଟ କେନ୍ଦୁପତ୍ର ବିଭାଗ ଫରେଷ୍ଟର ସୁଜିତ କୁମାର ମଣ୍ଡଳଙ୍କ ସହ କିଛି କର୍ମଚାରୀ ସୁନ୍ଦର କଲାର, ପବିତ୍ର ରାଜଗଣ୍ଡ, ଚନ୍ଦ୍ରସେନ ଭତ୍ରା ଓ ମୁନ୍‌ସୀ, ଚେକର ଫୋଡ଼ି ପ୍ରମୁଖ ମଧୁଙ୍କ ଦଶାହ କାର୍ଯ୍ୟରେ ଯୋଗଦେଇ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ କିଛି ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। କେନ୍ଦୁପତ୍ର ବିଭାଗର କର୍ମଚାରୀଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ● ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ଓ ହସ୍ପିଟାଲର ଆଉ ଏକ ସଫଳତା

# ମହିଳାଙ୍କ ଗର୍ଭାଶୟରୁ ବାହାରିଲା ୧୭ କେଜିର ଟ୍ୟୁମର



**କୋରାପୁଟ,୪।୩(ସମିସ):** ମାତ୍ର ୮ ବର୍ଷ ପୂର୍ବେ ପ୍ରତିଷ୍ଠିତ ହୋଇଥିବା କୋରାପୁଟ ସହିଦ ଲକ୍ଷ୍ମଣ ନାୟକ(ଏସ୍‌ଏଲ୍‌ଏନ୍) ମେଡିକାଲ କଲେଜ ଓ ହସ୍ପିଟାଲ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଚଢ଼ିଚାଲିଛି। ଦୁଇଦିନ ପୂର୍ବେ ଏକ ବିରଳ ଅସ୍ତ୍ରୋପଚାର ଦ୍ୱାରା ଜଣେ ମହିଳାଙ୍କ ଗର୍ଭାଶୟରୁ ୧୭ କିଲୋ ୨୭୦ ଗ୍ରାମ ଓଜନର ଟ୍ୟୁମର ବାହାର କରିବାରେ ଏହି ହସ୍ପିଟାଲ ପୁଣି ସଫଳତା ହାସଲ କରିଛି। ଉକ୍ତ ମହିଳା ଜଣକ ଅନେକ ସମୟରେ ପେଟରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଥିଲେ। କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲରେ ଦେଖାଇବା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ମହିଳା ଜଣକ ବିଭିନ୍ନ ପରୀକ୍ଷା କରାଇଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ଉତ୍କଳରଞ୍ଜନ ନାୟକ, ଗୋପାଳ ନାୟକ ଓ ଅନ୍ୟମାନଙ୍କୁ ନେଇ ଗଠିତ ଟିମ୍ ସମସ୍ତ ପରୀକ୍ଷା ନିରୀକ୍ଷା କରି ସମ୍ପୃକ୍ତ ମହିଳାଙ୍କ ଅସ୍ତ୍ରୋପଚାର କରି ଗର୍ଭାଶୟରୁ ଏହି ବଡ଼ ଟ୍ୟୁମର ବାହାର କରିଥିବା ହସ୍ପିଟାଲ ଅଧିକ୍ଷକ ପ୍ରଫେସର ଡା.ସୁଶାନ୍ତ କୁମାର ସାହୁ ସୂଚନା ଦେବା ସହ ଡାକ୍ତରୀ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

# ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟକର୍ମୀଙ୍କ ମିଳୁନି ଦେଖା; ସେବାରୁ ବଞ୍ଚିତ ଗ୍ରାମବାସୀ

## ନିୟମିତ ସେବା ଯୋଗାଇବାକୁ ଗ୍ରାମବାସୀଙ୍କ ଜିଲ୍ଲାପାଳଙ୍କୁ ଅନୁରୋଧ

**ରାୟଗଡ଼ା,୪।୩(ସମିସ):** ସରକାରୀ ଯୋଜନା ଆମ ଗ୍ରାମରେ ସଠିକ୍ ଭାବେ କାର୍ଯ୍ୟକାରୀ ହେଉ। ଆମ ଅଙ୍ଗନବାଡ଼ି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ନିୟମିତ ଭାବେ ଗାଁକୁ ଆସୁ ନ ଥିବାରୁ ସରକାରୀ ସେବାରୁ ଆମେ ସମସ୍ତ ଗ୍ରାମବାସୀ ବଞ୍ଚିତ ହେଉଛୁ। ତେଣୁ ଅଙ୍ଗନବାଡ଼ି କର୍ମୀଙ୍କୁ ବଦଳାଇ ଆମ ଗାଁକୁ ନିୟମିତ ଆସି ଏହି କେନ୍ଦ୍ର ପରିଚାଳନା କରିବା ଭଳି ଆଗ୍ରହୀ ଜଣେ ନିଷ୍ଠାପର କର୍ମୀ ଏବଂ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ନିୟମିତ ଉପସ୍ଥିତ ରହି ଲୋକଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା ଭଳି ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି କରନ୍ତୁ। ଏପରିକି ବର୍ତ୍ତମାନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ବଦଳାଇ ଦିଅନ୍ତୁ ବୋଲି ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ କାହ୍ନୁଗୁଡ଼ା ଗ୍ରାମବାସୀ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ତେବେ ଯଥାଶୀଘ୍ର ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ଅଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ୍ ନିର୍ଦ୍ଦେଶ ଦେଇଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। କାହ୍ନୁଗୁଡ଼ା ଗ୍ରାମରେ ନିୟମିତ ଅଙ୍ଗନବାଡ଼ି କାର୍ଯ୍ୟ କରିବା,ସ୍ୱାସ୍ଥ୍ୟ ଉପକେନ୍ଦ୍ର ଲୋକାର୍ପଣ ହୋଇ ଲୋକଙ୍କୁ ଚିକିତ୍ସା ସୁବିଧା ଯୋଗାଇବା, ଗାଁକୁ ଶିକ୍ଷକ ଫେରାଇ ଆଣିବା, ରାସ୍ତା ଓ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା, ପାନୀୟ ଜଳ ଯୋଗାଣ ସହ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ସମସ୍ୟାର ସମାଧାନ ପାଇଁ ଦୀର୍ଘ ଦିନ ହେଲା ଦାବି କରି ଆସୁଥିଲେ। ନିକଟରେ ଜିଲ୍ଲା ପ୍ରଶାସନ କିଛି ସମସ୍ୟାର ସମାଧାନ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟକର୍ମୀ ଗାଁକୁ ଯାଉ ନ ଥିବାରୁ ଗ୍ରାମବାସୀ ଉଭୟ ସରକାରୀ ସେବା ପାଇବାରୁ ବଞ୍ଚିତ ହୋଇ ଆସୁଥିବା ନେଇ ଅଭିଯୋଗ କରିଛନ୍ତି। ଆସନ୍ତା ଦିନରେ ଏହି ସେବା ମିଳିବାରେ ବିଳମ୍ବ ହେଲେ ଆମେ ସତ୍ୟାଗ୍ରହରେ ବସିବୁ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି।

## ଉମରକୋଟ ପ୍ରେସ୍ କ୍ଲବ୍ ପକ୍ଷରୁ ଶୋକସଭା



**ଉମରକୋଟ,୪।୩(ସମିସ):** ଉମରକୋଟ ପ୍ରେସ୍‌କ୍ଲବ ପକ୍ଷରୁ ୟୁଭି ୫୨ ନଂ ପଡ଼ିଆଠାରେ କୋଷାଗୁମୁଡ଼ା ବ୍ଲକର ବରିଷ୍ଠ ସାମ୍ବାଦିକ ପଦ୍ମଚରଣ ପଟ୍ଟନାୟକଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶୋକସଭାରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଉମରକୋଟ ପ୍ରେସ୍ କ୍ଲବର ସଭାପତି ନଳିନୀରଞ୍ଜନ ମିଶ୍ର, ଉପସଭାପତି ସନ୍ତୋଷ ଶତପଥୀ, ସମ୍ପାଦକ ମହେଶ୍ୱର ବେହେରା, ସହ ସମ୍ପାଦକ କୁନାସାହୁ, ସହ ସମ୍ପାଦକ ହିମାଂଶୁ ଜେନା, ଆଇନ ପରାମର୍ଶଦାତା ଜିତେନ୍ଦ୍ର ମହାନ୍ତି କୋଷାଧ୍ୟକ୍ଷ ଯୁଗଳ କିଶୋର ସାହୁ, ସନ୍ତୋଷ ପାତ୍ର, ଅନୁରାଗ ପଟ୍ଟନାୟକ, ନିରଞ୍ଜନ ବେହେରା, ନିରଞ୍ଜନ ଗଣ୍ଡ, କ୍ରିଷ୍ଣା ସାହୁ, ସମୀର ପତି, ସତ୍ୟ ରାଉତ ଓ ଜୁମେରା ସାନ୍ତା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# 'ମେରା ପେହେଲା ଭୋଟ୍ ଦେଶ କେ ଲିଏ' କାର୍ଯ୍ୟକ୍ରମ

**ଲକ୍ଷ୍ମୀପୁର,୪।୩(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସରରେ ଲକ୍ଷ୍ମୀପୁର ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ ତରଫରୁ ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ବିଭାଗ ଦ୍ୱାରା କରାଯାଉଥିବା 'ମେରା ପେହେଲା ଭୋଟ ଦେଶ କେ ଲିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ସଭାପତିତ୍ୱ କରି ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୁ ମୁଦୁଲି ଛାତ୍ରଛାତ୍ରୀଙ୍କୁ ଭୋଟଦାନ ପ୍ରକ୍ରିୟାରେ ଭାଗନେବା ସହ ଯୋଗ୍ୟ ବ୍ୟକ୍ତିଙ୍କୁ ନିର୍ବାଚିତ କରିବାକୁ ପରାମର୍ଶ ଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ମହିମା ରାଣୀ ରାଜୁ ନିର୍ବାଚନ ଓ ଭୋଟଦାନ ପ୍ରକ୍ରିୟା ସମ୍ବନ୍ଧିତ ସୂଚନା ପ୍ରଦାନ କରିଥିଲେ। ଯୁକ୍ତ ଦୁଇ ପ୍ରାଣୀବିଜ୍ଞାନ ଅଧ୍ୟାପକ ଯଶୋବନ୍ତ ଗରଡ଼ା ପ୍ରଥମ ଥର ପାଇଁ ଭୋଟ ଦେଉଥିବା ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ବ୍ୟକ୍ତିଙ୍କୁ ଭୋଟ ଦେବାକୁ ଉତ୍ସାହିତ କରିଥିଲେ। ଅବସରରେ ଯୁକ୍ତ ତିନି ରେଡକ୍ରସ ଅଧିକାରୀ ଅଧ୍ୟାପିକା ସନ୍ତୋଷିନୀ ଦାସ, ଅଧ୍ୟାପିକା ମହିମା ରାଣୀ ରାଜୁ, ଜୟଶ୍ରୀ ପଟ୍ଟନାୟକ, କିରାଣୀ ଆମ୍ରି ହିକକା, ଆସିଷ୍ଟାଣ୍ଟ ଲାଇବ୍ରେରୀଆନ୍ ଏଙ୍କେଶ୍ୱର ଖରା ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ଇଂରାଜୀ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ଦୁର୍ଯ୍ୟୋଧନ ସାହୁ ପରିଚାଳନା କରିଥିଲେ।

# କଳିଙ୍ଗ ଆଲୁମିନା କମ୍ପାନୀର ସ୍କୁଲ ବ୍ୟାଗ୍ ବଣ୍ଟନ

**ନନ୍ଦପୁର,୪।୩(ସମିସ):** ଦୁର୍ଗମ ଅଞ୍ଚଳ ନନ୍ଦପୁର ବ୍ଲକର ଖିନ୍‌ବର, ହାତୀବାରି, ବାଲ୍‌ଡା ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମୁହଁରେ ଏବେ କଳିଙ୍ଗ ଆଲୁମିନା କମ୍ପାନୀ ପକ୍ଷରୁ କରାଯାଇଥିବା ସ୍କୁଲ ବ୍ୟାଗ୍ ବଣ୍ଟନ କାର୍ଯ୍ୟକ୍ରମ ହସ ଫୁଟାଇଛି। କଳିଙ୍ଗ ଆଲୁମିନା କମ୍ପାନୀ ଲିମିଟେଡ୍ ପକ୍ଷରୁ ଦୁର୍ଗମ ଅଞ୍ଚଳ ସ୍କୁଲମାନଙ୍କରେ କିଛି ଦିନ ହେବ ସ୍କୁଲ ବ୍ୟାଗ୍ ସହ ପାଠ୍ୟ ଉପକରଣ ପ୍ରଦାନ କରାଯାଉଛି। ଗତ ଦୁଇଦିନରେ ଖିନ୍‌ବର ଓ ହାତୀବାରି ଗ୍ରାମ ପଞ୍ଚାୟତର ଦୁର୍ଗମ ଅଞ୍ଚଳ ସ୍କୁଲଗୁଡ଼ିକରେ ସ୍କୁଲ ବ୍ୟାଗ୍ ସହ ପାଠ୍ୟ ଉପକରଣ, ପାଣି ବୋତଲ ଇତ୍ୟାଦି ସାମଗ୍ରୀ ପିଲାଙ୍କୁ ପ୍ରଦାନ କରାଯାଇଥିଲା। ଯାହା ସେମାନଙ୍କୁ ଖୁସି ଦେଇଛି। କିତବା ଗ୍ରାମରୁ ଆରମ୍ଭ କରିଥିବା ଏହି ଅଭିଯାନ ବର୍ତ୍ତମାନ ସୀମାନ୍ତ ଖିନବର ପଞ୍ଚାୟତରେ ପହଞ୍ଚିଛି। କମ୍ପାନୀ ବାଲଡା ଖଣି ଲିଜ୍ ପାଇବା ପରେ ପାରିପାର୍ଶ୍ୱିକ ଉନ୍ନତି ନେଇ କାର୍ଯ୍ୟ ସମୀକ୍ଷା କରିଛି। ପ୍ରଥମେ ଗ୍ରାମାଞ୍ଚଳର ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ପ୍ରଦାନ କରୁଥିବାବେଳେ ବାଲଡାଠାରୁ ଆରମ୍ଭ କରି ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ସ୍କୁଲରେ କମ୍ପାନୀ ସ୍କୁଲ ବ୍ୟାଗ୍ ସହ ପାଠ୍ୟ ଉପକରଣ ପ୍ରଦାନ କରିଛି। ଗ୍ରାମାଞ୍ଚଳରେ କମ୍ପାନୀ ତାର ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରୟାସ ଆରମ୍ଭ କରିଛି। ସେପଟେ ଜିଲ୍ଲାପାଳଙ୍କ ଦ୍ୱାରା ଆସିଥିବା ନିର୍ଦ୍ଦେଶ ପ୍ରକାରେ ଖୁବ୍‌ଶୀଘ୍ର ଖିନିବର୍ ଓ କଣ୍ଡରା ଜଙ୍ଗଲରେ ନୂତନ ଜଙ୍ଗଲ ସୃଷ୍ଟି କରାଯିବା ପାଇଁ ମଧ୍ୟ ପ୍ରୟାସ ଆରମ୍ଭ ହୋଇଥିବା କମ୍ପାନୀ କର୍ତ୍ତୃପକ୍ଷ ସଞ୍ଜୟ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମାବର୍ତ୍ତନ ଉତ୍ସବ



**ରାୟଗଡ଼ା,୪।୩(ସମିସ):** ରାୟଗଡ଼ା ସହରର ଗାୟତ୍ରୀ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷାବର୍ଷ ୨୦୨୩-୨୪ର ଦଶମ ଶ୍ରେଣୀ ଶିଶୁ ଭାଇଭଉଣୀଙ୍କର 'ସମାବର୍ତ୍ତନ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ହରିଶଚନ୍ଦ୍ର ଦାଶ, ଉପସଭାପତି ପ୍ରଭାତ କୁମାର ଲେଙ୍କା, ସମ୍ପାଦକ ଡ.ସୁନୀଲପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ରମେଶ କୁମାର ନନ୍ଦ, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ଦାଶ ଓ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ସୁଧୀର କୁମାର ନେଗୀ ତଥା ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ଓ ଦଶମ ଶ୍ରେଣୀର ସମସ୍ତ ଶିଶୁ ଭାଇଭଉଣୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତି ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ଶିଶୁ ଭଉଣୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ସମସ୍ତ ଶିଶୁ ଓ ଗୁରୁଜୀଗୁରୁମା ନିଜର ଅନୁଭୂତି ପ୍ରଦାନ କରିଥିଲେ। ସମ୍ପାଦକ ଶ୍ରୀ ମହାପାତ୍ର, ଉପସଭାପତି ଶ୍ରୀ ଲେଙ୍କା ଓ ଯୁଗ୍ମ ସମ୍ପାଦକ ଶ୍ରୀ ନନ୍ଦ ପ୍ରମୁଖ 'ଭବିଷ୍ୟତରେ ସମାଜରେ ଜଣେ ସୁନାଗରିକ ହୋଇ ସମାଜ ପାଇଁ ପ୍ରଦର୍ଶକ' ହେବା ପାଇଁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଦଶମ ଶ୍ରେଣୀର ଭାଇ ଶୁଭମ ପାଣିଗ୍ରାହୀ ବ୍ୟକ୍ତିଗତ ଗୀତଗାନ କରିଥିବା ବେଳେ ସଭାପତି ଶ୍ରୀ ଦାଶ ଆଶ୍ରିବଚନ ଦେବା ସହିତ ଉପହାର ପ୍ରଦାନ କରିଥିଲେ।

# ଗାଁ ପାଖ ବିଦ୍ୟାଳୟରେ ପଢ଼ିବା ପାଇଁ ଛାତ୍ରୀଙ୍କ ଜିଲ୍ଲାପାଳଙ୍କୁ ନିବେଦନ

**ରାୟଗଡ଼ା,୪।୩(ସମିସ):** ଗାଁ ପାଖରେ ଥିବା ଗୋରଖପୁର ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଇଚ୍ଛୁକ ଥିବା କାହ୍ନୁଗୁଡ଼ା ଗ୍ରାମର ଅଷ୍ଟମ ଶ୍ରେଣୀର ୪ଜଣ ଛାତ୍ରୀ ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନଙ୍କୁ ଜଣାଇବା ସହ ବିଦ୍ୟାଳୟରେ ନାମ ଲେଖା ପାଇଁ ଅନୁରୋଧ କରିଛନ୍ତି। ଯାହାକୁ ନେଇ ଜିଲ୍ଲାପାଳ ଶ୍ରୀ ମହାଜନ୍ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନାମ ଲେଖାଇବା ପାଇଁ ଆଦେଶ ଦିଆଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଛାତ୍ରୀଙ୍କୁ କହିଥିବା ଜଣାପଡ଼ିଛି। କାହ୍ନୁଗୁଡ଼ା ଗ୍ରାମର ଅଷ୍ଟମ ଶ୍ରେଣୀର ଛାତ୍ରୀ ଲିନୁ ସାହୁ, ହାରାବତି ମାଝି, ନମିତା ସାହୁ ଓ ଜୟନ୍ତି ଗୌଡ଼ ପ୍ରମୁଖ ସୋମବାର ନିଜ ଅଭିଭାବକମାନଙ୍କ ସହ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସି ଗ୍ରାମ ନିକଟସ୍ଥ ଗୋରଖପୁର ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ବ୍ୟବସ୍ଥା କରାଇଦେବାକୁ ଜିଲ୍ଲାପାଳଙ୍କୁ ଜଣାଇଥିଲେ। କାହ୍ନୁଗୁଡ଼ା ଗ୍ରାମଠାରୁ ୧୬କିଲୋମିଟର ଦୂର ବାଟ ମଧ୍ୟରେ ଦୁଇଟି ବଡ଼ପାହାଡ ରାସ୍ତା ଅତିକ୍ରମ କରି ଛାତ୍ରୀମାନେ ନିୟମିତ ଭାବେ ବିଦ୍ୟାଳୟକୁ ଯାତାୟାତ କରିଥାନ୍ତି। କାହ୍ନୁଗୁଡ଼ା ଗ୍ରାମକୁ ରାସ୍ତା ନ ଥିବାରୁ ଛାତ୍ରୀମାନେ ସାଇକଲ ମଧ୍ୟ ବ୍ୟବହାର କରିପାରୁନାହାନ୍ତି। ଦୂର ବାଟ ଅତିକ୍ରମ କରି ଅସୁରକ୍ଷିତ ଭାବେ ପିଲାମାନେ ପାଠ ପଢ଼ିବାକୁ ଯାଉଥିବା ନେଇ ଅଭିଭାବକମାନେ ଚିନ୍ତାରେ ପଡୁଥିବାରୁ ଛାତ୍ରୀମାନେ ଗୋରଖପୁର ବିଦ୍ୟାଳୟରେ ଅଧ୍ୟୟନ କରିବା ପାଇଁ ନିଷ୍ପତି ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ପ୍ରକାଶ କରିଛନ୍ତି।



# ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କଠାରେ ୪ଖଣ୍ଡ ଗ୍ରାମବାସୀଙ୍କ ଦାବି

## ହିର୍ସାମୁହିଁରୁ ପାଦୁକାପାଡୁ ଯାଏଁ ପକ୍କା ରାସ୍ତା ନ ଥିବାରୁ ଖାଲଢିପ ପାଲଟିଛି ରାସ୍ତା

**ରାୟଗଡ଼ା,୪।୩(ସମିସ):** ପକ୍କା ରାସ୍ତା ନ ଥିବାରୁ ଗମନାଗମନ ସୁବିଧାରୁ ବଞ୍ଚିତ ହୋଇରହିଛନ୍ତି ୪ ଖଣ୍ଡ ଗ୍ରାମର ୧୦୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ। ଦୀର୍ଘଦିନର ଏହି ସମସ୍ୟାର ସମାଧାନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଗ୍ରାମବାସୀମାନେ ନିବେଦନ କରିଥିଲେ ସୁଦ୍ଧା କେହି ବି କର୍ଣ୍ଣପାତ କରୁନାହାନ୍ତି। ତଥାପି ପ୍ରଶାସନ ଉପରେ ବିଶ୍ୱାସ ରଖି ଗ୍ରାମ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ସହ ସଂଯୋଗୀକରଣ କରିବା ପାଇଁ ରାୟଗଡ଼ା ଜିଲ୍ଲା ସଦର ବ୍ଲକ ତାଡ଼ମା ପଞ୍ଚାୟତର ଉଜାଗୁଡ଼ା, ହୁଲୁକି, ପାଦୁକାପାଡୁ ଓ ହିର୍ସାମୁହିଁ ୪ଖଣ୍ଡ ଗ୍ରାମର ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାୟଗଡ଼ା ଜିଲ୍ଲା ସଦରମହକୁମାଠାରେ ସୋମବାର ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ୍‌ଙ୍କୁ ଭେଟି ପକ୍କାରାସ୍ତା ନ ଥିବାରୁ ଦୈନନ୍ଦିନ ଭୋଗୁଥିବା ସମସ୍ୟା ବିଷୟରେ ଗ୍ରାମବାସୀଙ୍କ ସମେତ ତାଡ଼ମା ପଞ୍ଚାୟତ ସରପଞ୍ଚ ଆଲେମି ଜାକାକା, ସୋମନାଥ ଜାକାକା ଓ ସମିତି ସଭ୍ୟ ଚନ୍ଦ୍ରଶେଖର ପ୍ରମୁଖ ଅବଗତ କରାଇଛନ୍ତି। ଘଞ୍ଚଜଙ୍ଗଲ ଘେରା ବନପାହାଡ଼ରେ ପରିପୂର୍ଣ୍ଣ ଦୁର୍ଗମ ଅଞ୍ଚଳରେ ରହିଛି ଜିଲ୍ଲାର ଏହି ୪ଟି ଗ୍ରାମ। ସରକାରଙ୍କ ତରଫରୁ ମିଳୁଥିବା ପିଡିଏସ ବ୍ୟବସ୍ଥାରେ ଚାଉଳ, ମାଣ୍ଡିଆ ଓ ବରିଷ୍ଠ ନାଗରିକଙ୍କ ଭତ୍ତା ଇତ୍ୟାଦିକୁ ଆଣିଯିବାକୁ ହେଲେ ଏହି ଗ୍ରାମବାସୀଙ୍କୁ ଜିଲ୍ଲା ସୀମାନ୍ତ ପଡ଼ୋଶୀ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ଜାରପା, ଲୁଙ୍ଗୁ ଓ ସଡ଼ାବାଡ଼ି ଗ୍ରାମରୁ ଫୁଲକଣା ଦେଇ ପ୍ରାୟ ୫୦କିମି ଦୂରବାଟ ଅତିକ୍ରମ କରି ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ପଡ଼ିଥାଏ। ଯାହାଫଳରେ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ ବୋଲି ଚମ୍ପାଆମ୍ମା ମିଣିଆକା, ମସିହା ମିଣିଆକା, ଅନନ୍ତ ମିଣିଆକା, ତୁଣ୍ଡାରାଓ କାଡ୍ରକା ଓ କାମ୍ମୁ କାଡ୍ରକା ଗ୍ରାମବାସୀ ମତପ୍ରକାଶ କରିଛନ୍ତି। ଯଦି ହିର୍ସାମୁହିଁ ଛକରୁ ପାଦୁକାପାଡୁ ଗ୍ରାମ ପର୍ଯ୍ୟନ୍ତ ପକ୍କାରାସ୍ତାର ନିର୍ମାଣ କରାଯାଏ ତାହା ହେଲେ ଉକ୍ତ ୪ଖଣ୍ଡ ଗ୍ରାମବାସୀଙ୍କୁ ପଞ୍ଚାୟତକୁ ୨୦କିମି ପଡ଼ିବ ଯାହାଦ୍ୱାରା ଅନେକାଂଶ କ୍ଷେତ୍ରରେ ଗ୍ରାମବାସୀମାନେ ଉପକୃତ ହୋଇପାରିବେ ବୋଲି କହିଛନ୍ତି। ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ହିର୍ସାମୁହିଁ ଛକଠାରୁ ପାଦୁକାପାଡୁ ପର୍ଯ୍ୟନ୍ତ ମନରେଗା ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଏହା ଯାତାୟାତ ଉପଯୋଗୀ ହୋଇପାରୁନାହିଁ। ତେଣୁ ଏହି ନୂତନ ପକ୍କାରାସ୍ତା ନିର୍ମାଣ କରାଯିବା ପାଇଁ ସମିତି ସଭ୍ୟ ଚନ୍ଦ୍ରଶେଖର ଓ ସରପଞ୍ଚ ଶ୍ରୀମତି ଜାକକା ଦାବି କରିଛନ୍ତି। ସୂଚନାନୁଯାୟୀ,ଗତ ମାସ ୩ ତାରିଖରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଏହି ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ ଗ୍ରାମବାସୀ।



# ଅଟୋ-ବାଇକ୍ ଧକ୍କାରେ ଜଣେ ମୃତ; ଦୁଇ ଗୁରୁତର

**କୋଷାଗୁମୁଡ଼ା,୪।୩(ସମିସ):** କୋଷାଗୁମୁଡ଼ା ବ୍ଲକ୍ ଦାଡ଼ିଆମାଝୀଗୁଡ଼ା ଛକରେ ଶନିବାର ରାତି ୮ରେ ଅଟୋ ସହ ଏକ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ ଜଣ ଆହତ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଶନିବାର ରାତିରେ କୋଷାଗୁମୁଡ଼ା ମାଘ ମଣ୍ଡେଇ ଦେଖି କୋଡ଼ିଙ୍ଗା ଗ୍ରାମର ୭ ଜଣ ଲୋକ ଏକ ଅଟୋରେ ନିଜ ଗାଁକୁ ଫେରୁଥିଲେ। ଏହି ସମୟରେ କୋଡ଼ିଙ୍ଗାରୁ କୋଷାଗୁମୁଡ଼ା ଅଭିମୁଖେ ୨ ଜଣ ବାଇକରେ ଆସୁଥିବାବେଳେ ଦାଡ଼ିଆମାଝୀଗୁଡ଼ା ଛକରେ ଅଟୋ ସହ ଧକ୍କା ହୋଇଥିଲା। ଫଳରେ ଅଟୋରେ ବସିଥିବା ୭ ଜଣଙ୍କ ମଧ୍ୟରୁ ତିନି ଜଣ ଛିଟିକି ପଡ଼ିଥିବାବେଳେ ଦୁଇଜଣ ବାଇକ୍ ଆରୋହୀ ମଧ ବହୁ ଦୂରକୁ ଛିଟିକି ପଡ଼ିଥିଲେ। ଖବର ପାଇ କୋଡ଼ିଙ୍ଗା ଥାନା ଅଧିକାରୀ ଯୁଗଳ ଶବର, ଏସଆଇ ବିକ୍ରମ କେଶରୀ ସାହୁ, ଏଏସଆଇ ପ୍ରଦୀପ କୁମାର ବାଘ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ କୋଡ଼ିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ଗୁରୁତର ଥିବା କୋଡ଼ିଙ୍ଗାର ସଂଯୁକ୍ତା ଚଲାଣ, ରେବତୀ ନାୟକ ଓ କୋଷାଗୁମୁଡ଼ା ନିକଟ ପୂଜାରୀଗୁଡ଼ା ଗ୍ରାମର ବାଇକ୍ ଚାଳକ କ୍ଷେମରାଜ ଭତ୍ରାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରେବତୀ ନାୟକଙ୍କ ମୃତ୍ୟୁ ହୋଇଥିଲା। ସଂଯୁକ୍ତା ଚଲାଣ ଗୁରୁତର ଥିବାରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ମୃତ ରେବତୀ ନାୟକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କୋଡ଼ିଙ୍ଗା ପୁଲିସ ଅଟୋ ଓ ବାଇକ୍ ଜବତ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ଶବର ସୂଚନା ଦେଇଛନ୍ତି। ଏସଆଇ ବିକ୍ରମ କେଶରୀ ସାହୁ ଘଟଣାର ତଦନ୍ତ କରୁଛନ୍ତି।

# ପୁଷ୍ଟି ଯୋଜନାରେ ୫ଟି ଲେଖାଏଁ କୁକୁଡ଼ା ଚିଆଁ ପ୍ରଦାନ



**ରାୟଗଡ଼ା,୪।୩(ସମିସ):** ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ରକ୍ତହୀନତା ଓ ଅପୁଷ୍ଟିର ଶିକାର ହୋଇଥିବା ପରିବାରଗୁଡ଼ିକୁ ପୁଷ୍ଟି ଯୋଜନା ମାଧ୍ୟମରେ ପରିବାରକୁ ୫ଟି ଲେଖାଏଁ କୁକୁଡ଼ା ଚିଆଁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି। ରାୟଗଡ଼ା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ରାୟଗଡ଼ା ସଦର ବ୍ଲକ କୁମୁଟିପେଣ୍ଠ ପଞ୍ଚାୟତରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଅଧିକାରୀ ଡା.ହାଡ଼ିବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଅପୁଷ୍ଟି ହ୍ରାସ ଦିଗରେ ପରିବାରଗୁଡ଼ିକୁ ଏହି ଯୋଜନା ସହାୟକ ହେବ ବୋଲି ମତବ୍ୟକ୍ତ କରିବା ସହ ପଞ୍ଚାୟତର ୪୦ଜଣ ହିତାଧିକାରୀଙ୍କୁ କୁକୁଡ଼ା ଚିଆଁ ବଣ୍ଟନ କରିଥିଲେ। ରାୟଗଡ଼ା ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ ବିଭାଗ ତଥା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା ୨୩୦୭୨ଜଣ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ୫ଟି ଲେଖାଏଁ କୁକୁଡ଼ା ଚିଆଁ ବଣ୍ଟନ କରାଯିବ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପୁଲାକା, ରାୟଗଡ଼ା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡା.ବିରଞ୍ଚି ମିଶ୍ର, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ପ୍ରବୀର କୁମାର ମହାପାତ୍ର, ମହିଳା ଓ ଶିଶୁ ବିକାଶ ଅଧିକାରୀ ମୀନାକ୍ଷୀ ଦାଶଙ୍କ ସମେତ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଘର ମୁହଁରେ କୁକୁଡ଼ା ଚିଆଁ ପାଇଥିବା ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଜନଜାତି ଆଦିବାସୀ ସାଂସ୍କୃତିକ ଓ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

# ନବରଙ୍ଗପୁରରେ ଦୌଡ଼ିଲେ ଦୌଡ଼ ରାଣୀ ଦୂତୀ ଚାନ୍ଦ



**ନବରଙ୍ଗପୁର,୪।୩(ସମିସ):** ନବରଙ୍ଗପୁର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ସୋମବାରଠାରୁ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜନଜାତି ଆଦିବାସୀ ସାଂସ୍କୃତିକ ଓ କ୍ରୀଡ଼ା ମହୋତ୍ସବ ଆନୁଷ୍ଠାନିକ ଭାବରେ ଉଦଘାଟିତ ହୋଇଯାଇଛି। ଏହି ମହୋତ୍ସବର ଉଦଘାଟନୀ ଦିବସରେ ସୁନାମଧନ୍ୟ ଧାବିକା ଦୂତୀ ଚାନ୍ଦ ଯୋଗଦେଇଥିଲେ। ପ୍ରଥମ ଦିନ କାର୍ଯ୍ୟକ୍ରମର ପ୍ରାରମ୍ଭରେ ନବରଙ୍ଗପୁର ସହର ମଧ୍ୟରେ ଏକ ବିଶାଳ ମାରାଥନ୍ ଅନୁଷ୍ଠିତ ହୋଇଥିଲା। ଆନୁଷ୍ଠାନିକ ଭାବରେ ଧାବିକା ଦୂତୀ ଚାନ୍ଦ ପତାକା ଦେଖାଇ କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ନିଜେ ଦୌଡ଼ିଥିଲେ।

ଏହି ଅବସରରେ ଓଡ଼ିଶା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝୀ, ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. କମଳ ଲୋଚନ ମିଶ୍ର, ପରିଷଦର ନବରଙ୍ଗପୁର ଜିଲ୍ଲାର ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ଉପାଧ୍ୟକ୍ଷା ଭାନୁମତୀ ପୂଜାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ବିଜେଡି ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, କୌଶଲ୍ୟା ପ୍ରାଧାନି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମହେଶ୍ୱର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ନବରଙ୍ଗପୁର ଜିଲ୍ଲା ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିହାଲ, ଅବିଭକ୍ତ କୋରାପୁଟ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ତ୍ରିପାଠୀ, ସାଂସଦ ପ୍ରତିନିଧି ବାବୁଲି ମିଶ୍ର, ନଗର ବିଜେଡି ସଭାପତି ପ୍ରମୋଦ କୁମାର ରଥ, ଆର୍. ପୁରୁଷୋତ୍ତମ ରାଜୁ, ଜିଲ୍ଲା ବିଜେଡି ଉପସଭାପତି ସରୋଜ ପାତ୍ର, ଉତ୍ତମ ତ୍ରିପାଠୀ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଭୀମ ହରିଜନ, ଆଶିଷ ପଟ୍ଟନାୟକ, ଜିଲ୍ଲା ବିଜେଡି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅଖିଳ ଭତ୍ରା, ଛାତ୍ର ବିଜେଡି ସଭାପତି ଅବିନାଶ ମହାପାତ୍ର, ନଗର ବିଜେଡି ସମ୍ପାଦକ କୁନା ପଣ୍ଡା, ପିଙ୍କୁ ଗନ୍ତାୟତ, କୁନା ପାଢ଼ୀ, ଲାଲୁ ତ୍ରିପାଠୀ, ସିରାଜ୍ ଉଦ୍ଦିନ ଅହମ୍ମଦ, ସଞ୍ଜୟ ନାୟକ, ସୁମିତ ପାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମାରାଥନ ନବରଙ୍ଗପୁର ପୁରୁଣା ମଣ୍ଡେଇ ପଡ଼ିଆରୁ ଆରମ୍ଭ ହୋଇ ଚାମୁରିଆଗୁଡ଼ା ଛକ ଓ ମଙ୍ଗଳମ୍ ଟିମ୍ବର ଦେଇ ବେହେରାଗୁଡ଼ା ଅର୍ଥାତ୍ ନୂତନ ମଣ୍ଡେଇ ପଡ଼ିଆ ପର୍ଯ୍ୟନ୍ତ ଦୂତୀ ଚାନ୍ଦ ଏବଂ ଜିଲ୍ଲାର ୧୦ଟି ବ୍ଲକରୁ ଆସିଥିବା ବହୁ ଯୁବକଯୁବତୀ, ଛାତ୍ରଛାତ୍ରୀ ଦୌଡ଼ିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ବରିଷ୍ଠ ଶିକ୍ଷକ ମନୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିବାବେଳେ ନବରଙ୍ଗପୁର ଜିଲ୍ଲା ଉନ୍ନୟନ ପରିଷଦ କାର୍ଯ୍ୟାଳୟର ଜିଲ୍ଲା ସଂଯୋଜକ ପି. ନବକିରଣ, କ୍ରୀଡ଼ା ଶିକ୍ଷକ କାଳୀକିଙ୍କର ପଟ୍ଟନାୟକ, ଯୋଗେଶ କୁମାର, ଫିରଜ୍ ହିଆଲ୍, ତୁଷାରକାନ୍ତି ଖୋସଲା ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ଅନୁଷ୍ଠିତ ହୋଇଥିବା ବ୍ଲକସ୍ତରୀୟ ପୁରୁଷ ଓ ମହିଳା ବର୍ଗର କ୍ରିକେଟ, ଫୁଟବଲ, ଭଲିବଲ, ଜାଭେଲିନ ଥ୍ରୋ, ଆର୍ଚେରୀ ଦୌଡ଼ ପ୍ରତିଯୋଗିତାରେ ଯେଉଁମାନେ ବିଜୟଲାଭ କରି ଜିଲ୍ଲାସ୍ତରକୁ ଆସିଛନ୍ତି ସେମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ନବରଙ୍ଗପୁର ସଦର ମହକୁମାର ବିଭିନ୍ନ ଖେଳ ପଡ଼ିଆରେ ଅନୁଷ୍ଠିତ ହେଉଛି। ଉକ୍ତ ପ୍ରତିଯୋଗିତାର ସମସ୍ତ ସଫଳ କ୍ରୀଡ଼ାବିତଙ୍କୁ ଆସନ୍ତା ୬ ତାରିଖରେ ମଣ୍ଡେଇ ମଞ୍ଚରେ ଅନୁଷ୍ଠିତ ହେବାକୁ ଥିବା ଉଦଯାପନୀ ସମାରୋହରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି।

# ଆଦିବାସୀ ମାନ୍ୟତା ପାଇବା ପରେ ସ୍ୱାଗତ ସମ୍ବର୍ଦ୍ଧନା



**ପଟାଙ୍ଗି,୪।୩(ସମିସ):** ଅବହେଳିତ ଦୋରା ସଂଘକୁ ଆଦିବାସୀ ମାନ୍ୟତା ଦେଇଥିବା ଯୋଗୁଁ ସ୍ୱାଗତ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଅବହେଳିତ ଦୋରା ସଂଘର ସଭାପତି ବୈଦ୍ୟନାଥ ଗେମେଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂର୍ବତନ ସମ୍ପାଦକ ଟି. ଗୋପାଲ ରାଓ ସ୍ୱାଗତ ଭାଷଣ ଦେବା ସହ ଆଦିବାସୀ ମାନ୍ୟତା ପାଇବାରେ ସହଯୋଗ କରିଥିବା ଅର୍ଜୁନ ମୁଣ୍ଡା, ବର୍ତ୍ତମାନର ସାଂସଦ ସପ୍ତଗିରି ଉଲ୍ଲାକା, ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ସାଂସଦ ବଳଭଦ୍ର ମାଝୀଙ୍କ ଅବଦାନ ନେଇ କହିବା ସହ ଗତ ଫେବୃଆରୀ ୧୫ରେ ଆଦିବାସୀ ମାନ୍ୟତାର ନୋଟିଫିକେଶନ ପ୍ରଦାନ କରାଯାଇଥିବା ଯୋଗୁଁ ରାଜ୍ୟ ଓ କେନ୍ଦ୍ର ସରକାର, ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁଙ୍କୁ ଦୋରା ସମାଜ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ବଳଭଦ୍ର ମାଝୀ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ସାଂସଦ ଓ ରାଷ୍ଟ୍ରୀୟ ସଭାପତି ଅନୁସୂଚିତ ଜନଜାତି ମୋର୍ଚ୍ଚାର ସମୀର ଓରାମ, ବିଧାୟକ ଓ ରାଜ୍ୟ ସଭାପତି ଅନୁସୂଚିତ ଜନଜାତି ମୋର୍ଚ୍ଚା ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, କୋରାପୁଟ ବିଜେପି ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅନୁସୂଚିତ ଜନଜାତି ମୋର୍ଚ୍ଚାର କାଳିରାମ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଳି ପର୍ବତ ସୁରକ୍ଷା ସଭାପତି ବିଜୟ ଖିଲ, କାମର ସମାଜ ସଭାପତି ଭଗବାନ ଗୋଲୋରୀ, ହରିଜନ ସମାଜ ନିରଞ୍ଜନ ଖିଲ, ହାଲ ବିସ୍ଥାପିତ ସଂଘର ତ୍ରିଲୋଚନ ମୁଦୁଲି, ଦାସୀ ନନ୍ଦିବାଲି, ମାଳି ସମାଜର ଗୋକୁଳ ଖିଲ, ଜୟରାମ ଭୋଇ, ଚୈତନ୍ୟ ନନ୍ଦିବାଲି, ଚୈତନ୍ୟ ହନ୍ତାଳ, ଅନିଲ ଢେଲ ପାଡ଼ିଆ, ରଘୁରାମ ମାଛ, ଶିବ ମୁଦୁଲି, ଭଗବାନ ମୁଦୁଲି, ସରୋଜ ମିଶ୍ର, ଶିବା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟସ୍ତରୀୟ ୟୁଥ୍ ଓ ଇକୋ କ୍ଲବ୍ ଗଠନ



**ସୁନାବେଡ଼ା,୪।୩(ସମିସ):** ସୁନାବେଡ଼ା ସ୍ଥିତ ବର୍ମା ପ୍ରାଥମିକ ବିଦ୍ୟାଳୟସ୍ତରୀୟ ୟୁଥ୍ ଓ ଇକୋ କ୍ଲବ୍ ଗଠନ ଏବଂ ଏହାର ପରିଚାଳନା ବିଷୟରେ ଆଲୋଚନା ବୈଠକର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁସନ୍ଧ୍ୟା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସରୋଜ ନଳିନୀ ସଗରିୟା, ସମସ୍ତ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ଓ ଅଭିଭାବକ ଉପସ୍ଥିତ ଥିଲେ। ପ୍ରତି ଶ୍ରେଣୀ ଅନୁସାରେ ୨ଜଣ ଲେଖାଏଁ ହିସାବରେ ଜଣେ ଛାତ୍ର, ଜଣେ ଛାତ୍ରୀ ଭଳି ୧୦ ଜଣଙ୍କୁ ନେଇ ଏହି କ୍ଲବ୍ ଗଠନ କରାଯାଇଥିଲା। ଏହି ୧୦ ଜଣଙ୍କୁ ବ୍ୟାଚ୍ ପ୍ରଦାନ କରାଯାଇଥିଲା। ୟୁଥ୍ କ୍ଲବ୍ ଗଠନର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀ, ପରିବେଶ ଓ ତାହା ସମ୍ପର୍କିତ ସମସ୍ୟା ବିଷୟରେ ସଚେତନ ହେବା ସହିତ ନିଜ ପରିବେଶ ଓ ବିକାଶ ସମ୍ପର୍କିତ ନିଷ୍ପତ୍ତି ନେବାରେ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବା ପାଇଁ ସୁଯୋଗ ପାଇବେ, ପରିବେଶ ଶିକ୍ଷା ସମାଜକୁ ପ୍ରଭାବିତ କରୁଥିବା ସମସ୍ୟା ସମ୍ପର୍କରେ ସମାଧାନ ଖୋଜିବା ପାଇଁ ଉତ୍ସାହିତ ହେବେ। ଶେଷରେ ପ୍ରଧାନଶିକ୍ଷୟିତ୍ରୀ ସୁସନ୍ଧ୍ୟା ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପରିବେଶ ସମ୍ବନ୍ଧୀୟ କେତେକ କାର୍ଯ୍ୟକ୍ରମ କୁଇଜ୍, ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ବିଷମକଟକରୁ ରାୟଗଡ଼ା ସଦରକୁ ଗଡ଼ିଲା 'ଲକ୍ଷ୍ମୀ' ବସ୍



**ବିଷମକଟକ,୪।୩(ସମିସ):** ଗୋଟାଏ ପରେ ଗୋଟାଏ ବଡ଼ ପଦକ୍ଷେପ ଗ୍ରହଣ କରୁଛନ୍ତି ରାଜ୍ୟ ସରକାର। ଗତ ନଭେମ୍ବର ମାସରେ ରାଜ୍ୟ ସରକାରଙ୍କ ତରଫରୁ 'ଲକ୍ଷ୍ମୀ' ବସ୍ ଯୋଜାନା ଆରମ୍ଭ କରିଛନ୍ତି। ବ୍ଲକରୁ ପଞ୍ଚାୟତକୁ ବସ୍ ଚଳାଚଳର ଶୁଭାରମ୍ଭ କରିସାରିଥିବାବେଳେ ଖୁବଶୀଘ୍ର ବ୍ଲକରୁ ଜିଲ୍ଲା ସଦର ମହକୁମାକୁ ଯୋଗାଯୋଗ କରିବାର ଘୋଷଣା ମଧ କରିଥିଲେ। ଏହି ପରିପ୍ରେକ୍ଷୀରେ ସୋମବାରଠାରୁ ବ୍ଲକରୁ ଜିଲ୍ଲା ସଦର ମହକୁମାକୁ ଗଡ଼ିଛି 'ଲକ୍ଷ୍ମୀ' ବସ୍। ଏହି 'ଲକ୍ଷ୍ମୀ' ଯୋଜନାରେ ସୋମବାରଠାରୁ ବିଷମକଟକ ବ୍ଲକରୁ ରାୟଗଡ଼ା ଜିଲ୍ଲା ସଦରକୁ ବସ୍ ଚଳାଚଳ ଆରମ୍ଭ ହୋଇଛି। ଯେଉଁଥିରେ କମ୍ ମୂଲ୍ୟରେ ଗରିବ ଶ୍ରେଣୀର ଲୋକେ ଜିଲ୍ଲା ସଦରକୁ ଯାତ୍ରା କରିପାରିବେ। ଗରିବ ଶ୍ରେଣୀର ଲୋକେ ଜିଲ୍ଲା ଚିକିତ୍ସାଳୟ ଏବଂ ଶିକ୍ଷା କ୍ଷେତ୍ରରେ ବେଶ୍ ସହାୟତା ହେବା ନେଇ ସେମାନଙ୍କ ମଧ୍ୟରେ ଖୁସି ଦେଖାଦେଇଛି। ସମବାର ସକାଳ ୮ଟାରେ ବିଷମକଟକ ବସଷ୍ଟାଣ୍ଡରୁ ଏକ ଶୀତତାପ ନିୟନ୍ତ୍ରିତ ଲକ୍ଷ୍ମୀ ବସ୍ ରାୟଗଡ଼ା ଜିଲ୍ଲା ସଦରକୁ ଯିବା ଆରମ୍ଭ କରିସାରିଛି। ଏହି ବସରେ ରାୟଗଡ଼ା ଜିଲ୍ଲା ସଦରକୁ ଯିବାକୁ ହେଲେ ସାଧାରଣ ବର୍ଗର ଯାତ୍ରୀଙ୍କୁ ୬୦ ଟଙ୍କା ବସ୍ ଭଡ଼ା ନିର୍ଦ୍ଧାରିତ ହୋଇଥିବାବେଳେ ମହିଳା, ଭିନ୍ନକ୍ଷମ ଏବଂ ଛାତ୍ରଛାତ୍ରୀଙ୍କୁ ମାତ୍ର ୧୦ ଟଙ୍କା ଭଡ଼ା ଧାର୍ଯ୍ୟ କରିଛନ୍ତି ରାଜ୍ୟ ସରକାର। ବ୍ଲକରୁ ଜିଲ୍ଲା ସଦରକୁ ଶୀତତାପ ନିୟନ୍ତ୍ରଣ ବସ୍ ଚାଲିଥିବାରୁ ଯାତ୍ରୀମାନେ ଖୁସିବ୍ୟକ୍ତ କରିଛନ୍ତି। ବସ୍ ଶୁଭାରମ୍ଭ ସମୟରେ 'ଲକ୍ଷ୍ମୀ' ଯୋଜନାର କୋର୍ଡିନେଟର ପ୍ରତ୍ୟୁଷ କୁମାର ଦାଶଙ୍କ ଉପସ୍ଥିତିରେ ସୋମବାର ଏହି ବସ୍ ଚଳାଚଳ ଆରମ୍ଭ ହୋଇଛି।

# ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ନିଯୁକ୍ତି ମେଳା



**କୋଷାଗୁମୁଡ଼ା,୪।୩(ସମିସ):** ସୋମବାର କୋଷାଗୁମୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ତଥା ପିଆଇପି ସହଭାଗିତାରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ୨୬ଟି ପଞ୍ଚାୟତର ଚାକିରି ପାଇଁ ଇଚ୍ଛୁକ ବେକାର ଯୁବକଯୁବତୀ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ। ଏହି ନିଯୁକ୍ତି ମେଳାରେ ମୋଟ ୪୫ ଜଣ ଯୁବକଯୁବତୀ ନିଜ ଶିକ୍ଷାଗତ ଯୋଗ୍ୟତା ପ୍ରକାରେ ବେଡ୍ ସାଇଡ୍ କେୟାରଗିଭର(ବିସିଜି) ପଦ ନିମନ୍ତେ ମନୋନୀତ ହୋଇଛନ୍ତି। ଯୋଗ୍ୟ ବିବେଚିତ ପ୍ରାର୍ଥୀପ୍ରାର୍ଥିନୀ ଅନ୍ୟାନ୍ୟ ଭତ୍ତା ସହ ମାସିକ ୧୨ ହଜାର ଟଙ୍କା ପାରିଶ୍ରମିକ ବାବଦକୁ ପାଇବେ। ଏହି ନିଯୁକ୍ତି ମେଳାରେ ୨୦୫୦ ହେଲଥକେୟାର ସଂସ୍ଥା, ଭୁବନେଶ୍ୱର ତଥା ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ, ନବରଙ୍ଗପୁରର ମିଳିତ ସହଭାଗିତାରେ ସଫଳତାର ସହ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ, ପଞ୍ଚାୟତ ଅର୍ଥ ଅଧିକାରୀ ଜୟ ପ୍ରକାଶ ଦିଶାରୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବ୍ଲକ୍ ପ୍ରଶାସନ ତରଫରୁ ବ୍ଲକ ମୁଖ୍ୟ କିରାଣି ସୁରେନ୍ଦ୍ର ମୋହନ ଦାସ ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିବାବେଳେ କୀର୍ତ୍ତିରଞ୍ଜନ ସାହୁ, ଏମଡି ଫୋରିଦ୍, ବାଳକୃଷ୍ଣ ସାହୁ, ମଙ୍ଗଳସାଇ ହଲବା ସହଯୋଗ କରିଥିଲେ। ୨୦୫୦ ହେଲଥକେୟାର ସଂସ୍ଥା, ଭୁବନେଶ୍ୱର ତରଫରୁ କେ. ଭାଗ୍ୟଶ୍ରୀ, ସ୍ମୃତିରଞ୍ଜନ ବଳ, ଜ୍ଞାନରଞ୍ଜନ ମହାପାତ୍ର, ସାନ୍ତନୁ ପାତ୍ର, ଗିରିଶ ଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ମୁଖ୍ୟ ନିଯୋଜନ ଅଧିକାରୀ ଆନନ୍ଦ ପଲେଇ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଏମବିକେ ଓ ସିଆରପିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଭାଗିତା କରି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଲକ୍ଷ୍ମୀପୁରକୁ ଉପଖଣ୍ଡ ମାନ୍ୟତା ଦାବିରେ ୧୨ ଘଣ୍ଟିଆ ବନ୍ଦ



**ଲକ୍ଷ୍ମୀପୁର,୪।୩(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକକୁ ଉପଖଣ୍ଡ ମାନ୍ୟତା ପ୍ରଦାନ ଦାବି ନେଇ ଲକ୍ଷ୍ମୀପୁର ବିକାଶ ପରିଷଦ ପକ୍ଷରୁ ସୋମବାର ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏନେଇ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ୭ ଘଣ୍ଟା ପରେ ପରିଷଦ ଆନ୍ଦୋଳନରୁ ଓହରିଥିଲା। ଲକ୍ଷ୍ମୀପୁରକୁ ଉପଖଣ୍ଡ ମାନ୍ୟତା ପ୍ରଦାନ ନେଇ ଅନେକ ବର୍ଷ ହେବ ଆନ୍ଦୋଳନ ଜାରି ରହିଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ସୋମବାର ଲକ୍ଷ୍ମୀପୁର ବିକାଶ ପରିଷଦ ପକ୍ଷରୁ ସକାଳ ୬ଟାରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଫଳରେ ରାୟଗଡ଼ା ଓ କୋରାପୁଟକୁ ଯାତାୟାତ ପ୍ରଭାବିତ ହୋଇଥିଲା। ମାଲ ପରିବହନ ଓ ଯାତ୍ରୀବାହୀ ଭଳି ଅନେକ ଯାନବାହନ ରାସ୍ତା ପାର୍ଶ୍ୱରେ ଅଟକି ରହିଥିଲା। ବନ୍ଦ ଯୋଗୁଁ ଦୁଇ ଚକିଆ ଯାନବାହନ ଚଳାଚଳ ମଧ ପ୍ରଭାବିତ ହୋଇଥିଲା। ସ୍କୁଲ, କଲେଜ ଓ ମେଡିକାଲ ଛାଡ଼ିଦେଲେ ବାକି ସମସ୍ତ ଅନୁଷ୍ଠାନ ବନ୍ଦ ରହିଥିଲା। ଲକ୍ଷ୍ମୀପୁର ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ପରିଷଦର କର୍ମକର୍ତ୍ତା ଟାୟାର ଜାଳି ଅବରୋଧ କରିଥିଲେ। ଏହାର କିଛି ସମୟ ପରେ ଜିଲ୍ଲାପାଳ ଲକ୍ଷ୍ମୀପୁର ବିଡିଓ ଗୁରେଶ୍ୱର ଭୋଇ ଓ ତହସିଲଦାର ନୈବେଦ୍ୟ କୁମାର ଭୋଇଙ୍କୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆନ୍ଦୋଳନକାରୀ ଏଥିରେ ସନ୍ତୁଷ୍ଟ ହୋଇ ନ ଥିଲେ। ଜିଲ୍ଲାପାଳ ଆନ୍ଦୋଳନ ସ୍ଥାନକୁ ଆସିବାକୁ ଦାବି କରିଥିଲେ। ପରେ ଅନେକ ସମୟର ଆଲୋଚନା ପରେ ଜିଲ୍ଲାପାଳଙ୍କ ଡକରା ଅନୁଯାୟୀ, ଲକ୍ଷ୍ମୀପୁର ବିକାଶ ପରିଷଦର ନେତୃତ୍ୱ ନେଉଥିବା କିଛି ସଦସ୍ୟ ତଥା ମନୋଜ କୁମାର ସାହୁ, ଉମାଶଙ୍କର କର୍କରା, ଅମରେଶ ଶତପଥି ଓ ସଞ୍ଜୟ କୁମାର ପାଣି କୋରାପୁଟ ଜିଲ୍ଲାପାଳଙ୍କ ନିକଟକୁ ଯାଇ ସାକ୍ଷାତ କରିବା ସହ ଲିଖିତ ଭାବେ ଜଣାଇଥିଲେ। ଲକ୍ଷ୍ମୀପୁର ଆଗାମୀ ଦିନରେ କିପରି ସବଡିଭିଜନ ମାନ୍ୟତା ପାଇବ ସେ ଅନୁସାରେ କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯିବ ବୋଲି ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ପ୍ରତଶ୍ରୁତି ଦେଇଥିଲେ। ଦୀର୍ଘ ୭ ଘଣ୍ଟାର ଆନ୍ଦୋଳନ ପରେ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକୁ ପରିଷଦ ପକ୍ଷରୁ ସ୍ଥଗିତ ରଖାଯାଇଥିଲା। ଦିନ ୧ଟାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। କୋରାପୁଟ ପୂର୍ବତନ ବିଧାୟକ କୃଷ୍ଣ ଚନ୍ଦ୍ର ସଗରିଆ, ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ଅଗସ୍ତି ହଲୱା, ଇଷ୍ଟ ସଗରିଆ, ମନୋଜ କୁମାର ସାହୁ, ମଣ୍ଟି ଖରା, ଅମରେଶ ଶତପଥି, ଉମାଶଙ୍କର କର୍କରା, ପଞ୍ଚାନନ ଟାକିରି, ଭୂରିମହ ଖରା, ବନ୍ଧୁଗାଁ ଉପାଧ୍ୟକ୍ଷା ଗୀତାଞ୍ଜଳି ପିଡ଼ିକା, ରୂପକ୍ ତୁରୁକ୍ ଓ ଶତାଧିକ ଅଞ୍ଚଳବାସୀ ଆନ୍ଦୋଳନରେ ଯୋଗଦେଇଥିଲେ। ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଯାତାୟାତ ଠପ୍ ହୋଇ ଯାଇଥିଲା। ଦୋକାନ ବଜାର ସବୁ ବନ୍ଦ ଯୋଗୁଁ ଯାତ୍ରୀମାନେ ପ୍ରାୟ ୭ ଘଣ୍ଟା ଧରି ହନ୍ତସନ୍ତ ହୋଇଥିଲେ।

# ଜିଲ୍ଲାସ୍ତରୀୟ ସମନ୍ୱିତ ପଲ୍ସ ପୋଲିଓ ଟିକାକରଣ ଦିବସ



**ମାଲକାନଗିରି,୪।୩(ସମିସ):** ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାସ୍ତରୀୟ ସମନ୍ୱିତ ପଲ୍ସପୋଲିଓ ଟିକାକରଣ ଦିବସର ଉଦଘାଟନ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡା.ପ୍ରଫୁଲ୍ଲ କୁମାର ନନ୍ଦ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ବିଭାଗ ଡା.ବ୍ରଜବନ୍ଧୁ ଦାଶ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ସସ୍ମିତା ସାହୁ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପୋଲିଓର ଦୁଇଟି ବୁନ୍ଦା ବା ଏକ ଡୋଜ ଖୁଆଇବା କାର୍ଯ୍ୟକ୍ରମ ଆରମ୍ଭ କରଯାଇଥିଲା। ଜିଲ୍ଲାର ପ୍ରତି ଜନ୍ମରୁ ୫ ବର୍ଷ ମଧ୍ୟରେ ଥିବା ଶିଶୁମାନଙ୍କୁ ଏହି ଡୋଜ ଦେବା ପାଇଁ ଉପସ୍ଥିତ ଅତିଥିମାନେ ମତ ରଖିଥିଲେ।

